ନିର୍ଭୀକ ଆମ

PRGI. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

● Vol -1 ● Issue - 11 ● May 16 - 31, 2026 ● Bhubaneswar ● Rs. 5 ● Pages - 08 ● Fortnightly

● ଭାଗ-୧ ● ସଂଖ୍ୟା-୧୧ ● ମେ ୧୬ - ୩୧, ୨୦୨୬ ● ଭୁବନେଶ୍ୱର ● ମୂଲ୍ୟ ୫.୦୦ ଟଙ୍କା ● ପୃଷ୍ଠା ସଂଖ୍ୟା -୦୮ ● ପାକ୍ଷିକ


# "ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି !"



ଶ୍ରୀ ଭକ୍ତବନ୍ଧୁ ସାହୁ

## ☛RTI ତଥ୍ୟରେ ସମବାୟ ବିଭାଗରେ ବଡ଼ ଖୁଲାସା !

## ☛ସ୍ୱଚ୍ଛତା ଓ ସୁଶାସନ ଉପରେ ଉଠିଲା ଗୁରୁତର ପ୍ରଶ୍ନ ?

**୨୦୨୨-୨୩ ମସିହାରେ ICM ହଷ୍ଟେଲରେ ରହୁଥିବା ସତ୍ତ୍ୱେ ଘରଭଡ଼ା ବାବଦରେ ସରକାରୀ ଭତ୍ତା ଗ୍ରହଣ କରିଥିବା ଅଭିଯୋଗ**

**ଯିଏ ନିଜ ଆର୍ଥିକ ହିସାବକୁ ସ୍ୱଚ୍ଛ ରଖିପାରୁ ନାହାଁନ୍ତି, ସେ କିପରି ସମବାୟ ବ୍ୟବସ୍ଥାକୁ ସୁଶାସନ ଓ ସତ୍ୟନିଷ୍ଠାର ପାଠ ପଢ଼ାଇବେ**

**ସରକାରୀ ନୀତି-ନିୟମ ଓ ନୈତିକତା ଉପରେ ଏକ ଗୁରୁତର ପ୍ରଶ୍ନ ! Addl. RCS(O) ଶ୍ରୀ ଭକ୍ତବନ୍ଧୁ ସାହୁଙ୍କୁ କିଏ ହେବ ସାହା ?**

## ସମବାୟ ମହଲରେ ପ୍ରଶ୍ନ ! କେବେ ହେବ କାର୍ଯ୍ୟାନୁଷ୍ଠାନ ?

ଭୁବନେଶ୍ୱର (ସମବାୟ ସମ୍ବାଦ ବ୍ୟୁରୋ): ମା' ଜନ୍ମ କଲା ବେଳେ ପୁଅର ନାଁ ସ୍ନେହ ଆଦରରେ ଦେଇଥିଲେ ଭକ୍ତବନ୍ଧୁ । ହେଲେ ସାଧରଣତଃ ଭକ୍ତବନ୍ଧୁ ଆମେ କାହାକୁ ବୁଝିବା । ଯିଏ ସମସ୍ତଙ୍କୁ ଭକ୍ତିର ସହକାରେ ବା ନିଜର କରି ବିନା ସ୍ୱାର୍ଥରେ ସମ୍ପର୍କ ରଖେ ତାକୁ ଭକ୍ତବନ୍ଧୁ କୁହାଯାଏ । ହେଲେ ଭକ୍ତବନ୍ଧୁ ଏମିତି କାମ କଲେ ଯେ ଏବେ ଓଡ଼ିଶା ସମବାୟ ବିଭାଗରେ କଥା ଉଠୁଛି ପଡୁଛି । ସରକାରୀ ନୀତି-ନିୟମକୁ ପଦାରେ ପକାଇ ବାବୁ ନିଜେ ୨୦୨୨-୨୩ ମସିହାରେ ଭତ୍ତା ଗ୍ରହଣ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି ।

ଓଡ଼ିଶା ସମବାୟ ବିଭାଗରେ ସ୍ୱଚ୍ଛତା, ଜବାବଦେହିତା ଓ ସୁଶାସନକୁ ନେଇ ପୁଣିଥରେ ଗୁରୁତର ପ୍ରଶ୍ନ ଉଠିଛି। **RTI** ମାଧ୍ୟମରେ **Registrar Cooperative Societies (RCS), Odisha** ଓ **Institute of Cooperative Management (ICM)** ଅଫିସରୁ ମିଳିଥିବା ତଥ୍ୟ ଏବେ ସମବାୟ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଏହି ତଥ୍ୟ ପ୍ରକାଶ ପାଇବା ପରେ ସାଧାରଣ ଲୋକ, ସମବାୟ ସଦସ୍ୟ ଓ କର୍ମଚାରୀମାନଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି। **RTI** ରେ ମିଳିଥିବା ତଥ୍ୟ ଅନୁସାରେ, ଶ୍ରୀ ଭକ୍ତବନ୍ଧୁ ସାହୁ, **Addl. RCS(O)**, ୨୦୨୨-୨୩ ମସିହାରେ **ICM** ହଷ୍ଟେଲରେ ରହୁଥିବା ସତ୍ତ୍ୱେ ଘରଭଡ଼ା ବାବଦରେ ସରକାରୀ ଭତ୍ତା ଗ୍ରହଣ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଅଭିଯୋଗ ଏବେ କେବଳ ପ୍ରଶାସନିକ ଅନିୟମିତତା ନୁହେଁ, ବରଂ ସରକାରୀ ନୀତି-ନିୟମ ଓ ନୈତିକତା ଉପରେ ଏକ ଗୁରୁତର ପ୍ରଶ୍ନ ଉଠାଇଛି।


ସାଧାରଣ ଲୋକଙ୍କ ମନରେ ଏବେ ଏକ ମୂଳ ପ୍ରଶ୍ନ ଉଠୁଛି — ଯିଏ ନିଜ ଆର୍ଥିକ ହିସାବକୁ ସ୍ୱଚ୍ଛ ରଖିପାରୁ ନାହାଁନ୍ତି, ସେ କିପରି ସମବାୟ ବ୍ୟବସ୍ଥାକୁ ସୁଶାସନ ଓ ସତ୍ୟନିଷ୍ଠାର ପାଠ ପଢ଼ାଇବେ ? ସମବାୟକୁ ସୁଦୃଢ଼ କରିବା ଓ ସଦସ୍ୟମାନଙ୍କ ଆର୍ଥିକ ସୁରକ୍ଷା ନାଁରେ ଚାଲୁଥିବା ବ୍ୟବସ୍ଥା ମଧ୍ୟରେ ଯଦି କେତେକ ଅଧିକାରୀ ନିଜ ସ୍ୱାର୍ଥ ପାଇଁ ସିଷ୍ଟମକୁ ବ୍ୟବହାର କରୁଥିବେ, ତେବେ ସାଧାରଣ ସମବାୟ ସଦସ୍ୟଙ୍କ ଭରସା କେମିତି ରହିବ ? ସମବାୟ ବିଭାଗରେ କିଛି ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ନେଇ ଦୀର୍ଘଦିନ ଧରି ଅସନ୍ତୋଷ ଓ ଅଭିଯୋଗ ଚାଲୁ ଥିବା ବେଳେ **RTI** ତଥ୍ୟ ଅନେକ ଲୁଚିଥିବା ପ୍ରଶ୍ନକୁ ପୁଣିଥରେ ସାମ୍ନାକୁ ଆଣିଛି। ସ୍ୱଚ୍ଛ ପ୍ରଶାସନ, ଜିରୋ ଟୋଲରେନ୍ସ ଓ ଦୁର୍ନୀତିମୁକ୍ତ ଶାସନ ନାରା ଦିଆଯାଉଥିବା ସମୟରେ ଏଭଳି ଅଭିଯୋଗ ସରକାରୀ ବ୍ୟବସ୍ଥା ଉପରେ ଲୋକଙ୍କ ଭରସାକୁ ଦୁର୍ବଳ କରୁଛି ବୋଲି ସମବାୟ ବିତ ମହଲରେ ମତ ପ୍ରକାଶ ପାଉଛି। ସମବାୟ ମହଲରେ ଏବେ ଏହାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି ଯେ, ସାଧାରଣ କର୍ମଚାରୀ କିମ୍ବା କ୍ଷୁଦ୍ର ତ୍ରୁଟି କରୁଥିବା ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ, ପ୍ରଭାବଶାଳୀ ଅଧିକାରୀଙ୍କ ବିରୋଧରେ କାହିଁକି ନିରବତା ପାଳନ କରାଯାଉଛି ? ବଡ଼ ବଡ଼ିଆଙ୍କୁ ସୁରକ୍ଷା, ଛୋଟମାନ ଙ୍କୁ ଶାସ୍ତି — ଏହି ଧାରଣା ଏବେ ବିଭାଗ ଭିତରେ ଦୃଢ଼ ହେଉଥିବା ଅନେକ କର୍ମଚାରୀ ମତ ପ୍ରକାଶ କରୁଛନ୍ତି।

ଏହି ଘଟଣା ପରେ ସମବାୟ ବିଭାଗକୁ କେତେକ ମହଲରେ "ପିଟିସନ ବିଭାଗ" ଭାବେ ବ୍ୟଙ୍ଗ କରାଯାଉଥିବା ମଧ୍ୟ ଶୁଣିବାକୁ ମିଳୁଛି। ବିଭାଗର ଛବି ଏବେ ଏପରି ଏକ ସ୍ଥିତିକୁ ପହଞ୍ଚିଛି ଯେଉଁଠାରେ ସତ୍ୟନିଷ୍ଠ କର୍ମଚାରୀମାନେ ମଧ୍ୟ ଅସଞ୍ଜତ ଅନୁଭବ କରୁଛନ୍ତି। ସମବାୟ ଆନ୍ଦୋଳନର ମୂଳ ଆଦର୍ଶ ହେଉଛି ସତ୍ୟନିଷ୍ଠା, ପାରଦର୍ଶିତା ଓ ସାମୁହିକ ଭରସା। କିନ୍ତୁ ଯଦି ସେହି ବ୍ୟବସ୍ଥାର ନିରୀକ୍ଷଣ କରୁଥିବା ଅଧିକାରୀମାନଙ୍କ ଉପରେ ଏଭଳି ଅଭିଯୋଗ ଆସେ, ତେବେ ଏହା କେବଳ ଗୋଟିଏ ବ୍ୟକ୍ତିର ମାମଲା ନୁହେଁ, ସମଗ୍ର ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନଚିହ୍ନ ତିଆରି କରେ।

ସମବାୟ କର୍ମୀ, ସଦସ୍ୟ ଓ ସଚେତନ ନାଗରିକମାନେ ଏହି ଘଟଣାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଯଦି **RTI** ତଥ୍ୟ ସତ୍ୟ ପ୍ରମାଣିତ ହୁଏ, ତେବେ ଏହା କେବଳ ଆର୍ଥିକ ଅନିୟମିତତା ନୁହେଁ, ବରଂ ଜନସାଧାରଣଙ୍କ ଭରସା ସହ ଖେଳ କରିବା ସମାନ ବୋଲି ମତ ପ୍ରକାଶ ପାଉଛି। ତେଣୁ ଏହାର ସଠିକ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବାକୁ ଦାବି ଜୋର ଧରିଛି। ସମବାୟ ମହଲରେ ଏବେ ପ୍ରଶ୍ନ ଉଠୁଛି — କେବେ ହେବ କାର୍ଯ୍ୟାନୁଷ୍ଠାନ ? ସମବାୟ ନିବନ୍ଧକ, ଓଡ଼ିଶା ଏଭଳି ଅଭିଯୋଗ ଉପରେ କେବେ କଠୋର ନିଷ୍ପତ୍ତି ନେବେ ?


କିମ୍ବା ପୂର୍ବବତ ଏହି ମାମଲାକୁ ମଧ୍ୟ ଫାଇଲ ଭିତରେ ଚାପି ଦିଆଯିବ ? ଏହି ପ୍ରଶ୍ନର ଉତ୍ତର ଏବେ ସମଗ୍ର ସମବାୟ ମହଲ ଅପେକ୍ଷା କରୁଛି। ସୂଚନା ମିଳିଛି ଯେ, ଏହି ଘଟଣାକୁ ନେଇ ମନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ନିଖିଳ ଓଡ଼ିଶା ସମବାୟ ବିତ ସଙ୍ଘ ପକ୍ଷରୁ ଏକ ବିସ୍ତୃତ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଶ୍ରୀ ଭକ୍ତବନ୍ଧୁ ସାହୁଙ୍କୁ ତୁରନ୍ତ ସମବାୟ ନିବନ୍ଧକ କାର୍ଯ୍ୟାଳୟରୁ ହଟାଇବା, ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରାଇବା ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରା ଯାଇଛି ।

ସମବାୟ ଆନ୍ଦୋଳନ ହେଉଛି ଲୋକଙ୍କ ଭରସା ଓ ସହଯୋଗ ଉପରେ ଭିତ୍ତି କରିଥିବା ଏକ ସାମାଜିକ-ଆର୍ଥିକ ବ୍ୟବସ୍ଥା। ଏହି ବ୍ୟବସ୍ଥା ଯଦି କେତେକ ପ୍ରଭାବଶାଳୀ ଅଧିକାରୀଙ୍କ ଅନିୟମିତତାରେ ଦୁର୍ବଳ ହୋଇପଡ଼େ, ତେବେ ଏହାର ପ୍ରଭାବ ସିଧାସଳଖ ଭାବରେ ଲକ୍ଷ ଲକ୍ଷ ସମବାୟ ସଦସ୍ୟଙ୍କ ଉପରେ ପଡ଼ିବ। ତେଣୁ ସମୟ ଥିବାବେଳେ ସରକାର ଓ ବିଭାଗୀୟ ଅଧିକାରୀମାନେ ଏହାକୁ ଗୁରୁତ୍ୱ ସହ ନେଇ ସଠିକ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି ହେଉଛି ।





## କାହା ଛତ୍ରଛାୟା ତଳେ ଭକ୍ତବନ୍ଧୁ




Annexure – I

Details of stay at MICM, Hostel by Sri Bhakta Bandu Sahu, Addl. RCS (O)

| Year | Sl. No. | Period From | Period To | Days | Amount Paid (Rs.) |
|---|---|---|---|---|---|
| 2021-22 | 1 | 18.02.20222 | 21.02.2022 | 3 | 300.00 |
| | 2 | 08.03.2022 | 11.03.2022 | 3 | 300.00 |
| | 3 | 23.03.2022 | 25.03.2022 | 2 | 200.00 |
| | 4 | 28.03.2022 | 31.03.2022 | 4 | 400.00 |
| Total | | | | | **1200.00** |
| 2022-23 | 1 | 19.04.20222 | 22.04.2022 | 3 | 300.00 |
| | 2 | 27.06.2022 | 07.07.2022 | 11 | 1100.00 |
| | 3 | 07.08.2022 | 10.08.2022 | 3 | 300.00 |
| | 4 | 27.09.2022 | 01.10.2022 | 4 | 400.00 |
| | 5 | 12.12.2022 | 17.12.2022 | 5 | 500.00 |
| | 6 | 07.02.2023 | 10.02.2023 | 3 | 300.00 |
| | 7 | 15.03.2023 | 18.03.2023 | 3 | 354.00 |
| Total | | | | | **3254.00** |
| 2023-24 | 1 | 03.04.2023 | 06.04.2023 | 3 | 708.00 |
| | 2 | 17.04.2023 | 21.04.2023 | 4 | 944.00 |
| | 3 | 29.05.2023 | 03.06.2023 | 5 | 590.00 |
| | 4 | 22.06.2023 | 23.06.2023 | 1 | 118.00 |
| | 5 | 24.07.2023 | 27.07.2023 | 3 | 354.00 |
| | 6 | 04.08.2023 | 06.08.2023 | 2 | 236.00 |
| | 7 | 21.08.2023 | 26.08.2023 | 5 | 590.00 |
| | 8 | 11.09.2023 | 16.09.2023 | 5 | 590.00 |
| | 9 | 25.09.2023 | 30.09.2023 | 5 | 560.00 |
| | 10 | 04.10.2023 | 11.10.2023 | 7 | 784.00 |
| | 11 | 16.01.2023 | 20.10.2023 | 5 | 560.00 |
| | 12 | 18.11.2023 | 24.11.2023 | 7 | 784.00 |
| Total | | | | | **6818.00** |
| G.Total | | | | | **11272.00** |

Director (I/c)



formation on drawal of House rent allowance of the Addl. RCS and JRCS working in the Office of the RCS Odisha, BBSR from January' 2023 to October' 2025.

| Sl No | Month/ Year | No. of Addl. RCS | No. of JRCS | Amount of HRA allowed | Remarks |
|---|---|---|---|---|---|
| 1 | 01/2023 | - | - | | |
| 2 | 02/2023 | - | - | | |
| 3 | 03/2023 | - | 2 | @Rs.6034 x 2=Rs.12068/- | |
| 4 | 04/2023 | - | 2 | @Rs.6034 x 2=Rs.12068/- | |
| 5 | 05/2023 | - | 2 | @Rs.6034 x 2=Rs.12068/- | |
| 6 | 06/2023 | - | 2 | @Rs.6034 x 2=Rs.12068/- | |
| 7 | 07/2023 | - | 2 | @Rs.6034 x 2=Rs.12068/- | |
| 8 | 08/2023 | 1 | 1 | @Rs.6034 x 2=Rs.12068/- | |
| 9 | 09/2023 | 1 | 1 | @Rs.6034 x 2=Rs.12068/- | |
| 10 | 10/2023 | 1 | 2 | @Rs.6034 x 2=Rs.12068/- | |
| 11 | 11/2023 | 1 | 2 | @Rs.6034 x 2+4158=Rs.16226/- | |
| 12 | 12/2023 | 1 | 2 | @Rs.6034 x 2+4158=Rs.16226/- | |
| 13 | 01/2024 | - | 2 | @Rs.6034 x 2+4158=Rs.16226/- | |
| 14 | 02/2024 | - | 1 | @Rs.6034 +4158=Rs.10192/- | |
| 15 | 03/2024 | - | 1 | @Rs.6034/- | |
| 16 | 04/2024 | - | 1 | @Rs.6034/- | |
| 17 | 05/2024 | - | 1 | @Rs.15968/- | |
| 18 | 06/2024 | - | 1 | @Rs.15968/- | |
| 19 | 07/2024 | - | 1 | @Rs.15968/- | |
| 20 | 08/2024 | - | 1 | @Rs.15968/- | |
| 21 | 09/2024 | - | 1 | @Rs.15968/- | |
| 22 | 10/2024 | - | - | @Rs.15968/- | |
| 23 | 11/2024 | - | - | - | |
| 24 | 12/2024 | - | 3 | - @Rs.13376/- +@Rs.12992x2=Rs.39360/- | HRA of 5 nos. of JRCS for 2 months drawn on 12/24. 10/24=Rs.15254/-, 10/24 to 11/24=Rs.24163/-, 10/24 to 11/24=Rs.25984/-, 10/24 to 11/24=Rs.22386/-, 10/24 to 11/24=Rs.25355/-. |
| 25 | 01/2025 | - | 3 | @Rs.13376/- +@Rs.12992x2=Rs.39360/- | |
| 26 | 02/2025 | - | 3 | @Rs.13376/- +@Rs.12992x2=Rs.39360/- | |
| 27 | 03/2025 | - | 3 | @Rs.13776/- +@Rs.12992x2=Rs.39760/- | |
| 28 | 04/2025 | - | 3 | @Rs.13776/-+@Rs.12992/- =Rs.26768/- | |
| 29 | 05/2025 | - | 2 | @Rs.13776/-+@Rs.12992/- =Rs.26768/- | |
| 30 | 06/2025 | - | 2 | @Rs.13776/-+@Rs.12992/- =Rs.26768/- | |
| 31 | 07/2025 | - | 3 | @Rs.13776/-+@Rs.12992/- Rs.14624/-=Rs.41392/- | |
| 32 | 08/2025 | - | 3 | @Rs.13776/-+@Rs.12992/- Rs.14624/-=Rs.41392/- | |
| 33 | 09/2025 | - | 3 | @Rs.13776/-+@Rs.13376/- Rs.14624/-=Rs.41776/- | |
| 34 | 10/2025 | - | 3 | @Rs.13776/-+@Rs.13376/- | |



# ରାଜ୍ୟ ଖବର



### ରାଜ୍ୟ ସମବାୟ ୟୁନିଅନକୁ ବିଧାୟକ ବାବୁ ସିଂଙ୍କ ଗସ୍ତ

## CT ମହିଳା ମହାବିଦ୍ୟାଳୟ ଜମି ପ୍ରସଙ୍ଗର ସମାଧାନକୁ ନେଇ ବଢ଼ିଲା ଆଶା

ଭୁବନେଶ୍ୱର: ମାନ୍ୟବର ବିଧାୟକ ବାବୁ ସିଂ ରାଜ୍ୟ ସମବାୟ ୟୁନିଅନ କାର୍ଯ୍ୟାଳୟକୁ ଗସ୍ତ କରି ୟୁନିଅନର ଦୀର୍ଘଦିନର ଗୁରୁତ୍ୱପୂର୍ଣ୍ଣ CT ମହିଳା ମହାବିଦ୍ୟାଳୟ ଜମି ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଆଲୋଚନାକୁ ରାଜ୍ୟ ସମବାୟ ୟୁନିଅନ ପାଇଁ ଏକ ସକାରାତ୍ମକ, ଆଶାଜନକ ଓ ଐତିହାସିକ ପଦ କ୍ଷେପ ଭାବେ ପରିଗଣନା କରାଯାଉଛି।

ବିଧାୟକ ଶ୍ରୀ ବାବୁ ସିଂ ୟୁନିଅନର କାର୍ଯ୍ୟକଳାପ, ଏହାର ଐତିହ୍ୟ ଏବଂ ସମବାୟ ଆନ୍ଦୋଳନରେ ଏହାର ଭୂମିକା ସମ୍ପର୍କରେ ବୁଝିଥିଲେ ।

ବିଶେଷକରି CT ମହିଳା ମହାବିଦ୍ୟାଳୟ ଜମି ସମ୍ପର୍କିତ ଜଟିଳ ବିଷୟରେ ସେ ଗଭୀର ଆଗ୍ରହ ପ୍ରକାଶ କରିବା ସହ ଏହାର ସ୍ଥାୟୀ ଓ ନ୍ୟାୟସଙ୍ଗତ ସମାଧାନ ପାଇଁ ସକାରାତ୍ମକ ଆଲୋଚନା କରିଥିଲେ।

ଆଲୋଚନା ସମୟରେ ୟୁନିଅନ ପକ୍ଷରୁ ଜମି ସମ୍ପର୍କିତ ବିଭିନ୍ନ ତଥ୍ୟ, ପୂର୍ବପରିସ୍ଥିତି ଏବଂ ଭବିଷ୍ୟତ ଯୋଜନା ବିଷୟରେ ମାନ୍ୟବର ବିଧାୟକଙ୍କୁ ସମ୍ପାଦକ ଶ୍ରୀ ବ୍ରହ୍ମାନନ୍ଦ ପରିଡ଼ା ଅବଗତ କରିଥିଲେ । ବିଧାୟକ ମହୋଦୟ ସମବାୟ କ୍ଷେତ୍ରର ଉନ୍ନତି ଓ ସଂସ୍ଥାଗୁଡ଼ିକର ସୁରକ୍ଷା ପାଇଁ ସମସ୍ତ ସମ୍ଭବ ସହଯୋଗ କରିବାର ଆଶ୍ୱାସନା ଦେଇଥିବା ଜଣାପଡ଼ିଛି। ରାଜ୍ୟ ସମବାୟ ୟୁନିଅନର ସଦସ୍ୟ ଓ କର୍ମକର୍ତ୍ତାମାନେ ଏହି ଗସ୍ତକୁ ଅତ୍ୟନ୍ତ ଗୁରୁତ୍ୱ ସହ ନେଇଥିବା ବେଳେ, ଏହା ଆଗାମୀ ଦିନରେ ୟୁନିଅନର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନୂତନ ଆଶା ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି। ସମବାୟ କ୍ଷେତ୍ର ସହ ଜଡିତ ବହୁ ସଦସ୍ୟ ଏହାକୁ ଏକ ସୃଜନଶୀଳ ଓ ଦୂରଦର୍ଶୀ ପଦକ୍ଷେପ ଭାବେ ବର୍ଣ୍ଣନା କରିଛନ୍ତି।

ବିଧାୟକ ଶ୍ରୀ ବାବୁ ସିଂଙ୍କ ଏହି ଗସ୍ତ ଦ୍ୱାରା ରାଜ୍ୟ ସମବାୟ ୟୁନିଅନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଆହୁରି ସୁଦୃଢ଼ ହେବା ସହ ସମବାୟ କ୍ଷେତ୍ରର ବିକାଶ ପାଇଁ ଏକ ନୂତନ ଦିଗ ଖୋଲିବ ବୋଲି ଆଶା କରାଯାଉଛି।

ଶେଷରେ, ରାଜ୍ୟ ସମବାୟ ୟୁନିଅନ ପରିବାର ପ କ୍ଷରୁ ସଭାପତି ସୁଶ୍ରୀ ପ୍ରଭାସିନୀ ଷଡଙ୍ଗୀ ମାନ୍ୟବର ବିଧାୟକ ଶ୍ରୀ ବାବୁ ସିଂଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସକାରାତ୍ମକ ଭୂମିକା ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ଆଲୋଚନା ରେ ରାଜ୍ୟ ସମବାୟ ୟୁନିଅନ ର ପରିଚାଳନା କମିଟି ସଦସ୍ୟ ଶ୍ରୀ ରଂଜନ କୁମାର ଦାସ ଓ ଶ୍ରୀ ରାଜ କିଶୋର ମଲ୍ଲିକ ଉପସ୍ଥିତ ଥିଲେ । CT ମହିଳା ବିଦ୍ୟାଳୟର ଦୁଇ ଅଧକ୍ଷାଙ୍କ ସହ କିଛି କର୍ମଚାରୀ ମଧ ଉପସ୍ଥିତ ଥିଲେ ।



## ଭୁବନେଶ୍ୱରରେ 'ବୟନିକା'ର ୭୦ତମ ପ୍ରତିଷ୍ଠା ଦିବସ ଉତ୍ସାହର ସହ ପାଳିତ




ଭୁବନେଶ୍ୱର:ରାଜ୍ୟର ଅଗ୍ରଣୀ ହସ୍ତତନ୍ତ ସଂସ୍ଥା 'ବୟନିକା' ପକ୍ଷରୁ ଏହାର ୭୦ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରରେ ଅତ୍ୟନ୍ତ ଉତ୍ସାହ ଓ ଗରିମାର ସହ ପାଳିତ ହୋଇଯାଇଛି।ଏହି ଅବସରରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳାର ସୁରକ୍ଷା, ବୁଣାକାରମାନଙ୍କ ଆର୍ଥିକ ସଶକ୍ତିକରଣ ଏବଂ ସଂସ୍ଥାର ଆଗାମୀ ଦିନର ବିକାଶମୂଳକ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପଦ କ୍ଷେପଗୁଡ଼ିକ ରାଜ୍ୟର ବୟନ ଶିଳ୍ପକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। ବୟନିକା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିକୁ ଦେଶ-ବିଦେଶରେ ପରିଚିତ କରାଯାଉଥିବା ସହ, ଏହା ଆମ ପରିଚୟକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାର ଏକ ସଶକ୍ତ ମାଧ୍ୟମ ବୋଲି ଉଲ୍ଲେଖ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ, ସମବାୟ, ହସ୍ତତନ୍ତ୍ର ଓ ବୟନ ଶିଳ୍ପ ଶ୍ରୀ ପ୍ରଦୀପ ବଳ ସାମନ୍ତ ଓ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଯୋଗଦେଇ ବୟନିକାର ସାତ ଦଶନ୍ଧିର ସଫଳ ଯାତ୍ରାକୁ ଉଦ୍ଧୃତ କରିଥିଲେ ଏବଂ ଆଗାମୀ ଦିନରେ ଏହାର ଅଧିକ ଉନ୍ନତି ପାଇଁ ଆଶା ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବୟନିକା ସଭାପତି ଶ୍ରୀ ପ୍ରକାଶ ମେହେର ଓ ରାଜ୍ୟ ସମବାୟ ବ୍ୟାଙ୍କ ର ସଭାପତି ଶ୍ରୀ ଟି ପ୍ରସାଦ ଦୋରା ଯୋଗ ଦେଇଥିବା ଜଣା ପଡ଼ିଛି ।



### ରାଜ୍ୟ ସମବାୟ ବ୍ୟାଙ୍କକୁ ନେଇ ଚା ଖଟିରେ ଚର୍ଚ୍ଚା

## ପରିଚାଳନା ଅଚଳାବସ୍ଥାକୁ ଦେଖି ଚାଷୀ ପରିବାରଙ୍କ ମନରେ ଅନିଶ୍ଚିତତା

ଭୁବନେଶ୍ୱର:ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଅବସ୍ଥିତ ରାଜ୍ୟ ସମବାୟ ବ୍ୟାଙ୍କକୁ ନେଇ ଏବେ ସାଧାରଣ ମହଲରେ ଚର୍ଚ୍ଚା ଜୋର ଧରିଛି । ଦୀର୍ଘ ଦିନ ଧରି ବ୍ୟାଙ୍କର ପରିଚାଳନା କମିଟି ଓ ପରିଚାଳନା ନିର୍ଦ୍ଦେଶକ (MD)ଙ୍କୁ ନେଇ ଅ ସ୍ପଷ୍ଟତା ଏବଂ ଅନ୍ତର୍ଦ୍ୱନ୍ଦ୍ୱ ଚାଲିଥିବା ବେଳେ, ବାର୍ଷିକ ସାଧାରଣ ବୈଠକକୁ ନେଇ ମଧ ଅନିଚ୍ଛା ପରିଲକ୍ଷିତ ହେଉଛି ।ସୂତ୍ର ଅନୁସାରେ, କିଛି ଦିନ ପୂର୍ବରୁ ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଶ୍ରୀ ଟି. ପ୍ରସାଦ ଦୋରା ଏକ ବୃହତ୍ ସମବାୟ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହ ଦଳର ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ମଧ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ସମନ୍ୱୟକ ଥିଲେ ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ।ମିଶ୍ରଣ ପର୍ବ ପରେ ସାଧାରଣରେ ଆଶା ସୃଷ୍ଟି ହୋଇଥିଲା ଯେ ରାଜ୍ୟ ସମବାୟ ବ୍ୟାଙ୍କରେ ପୁଣିଥରେ ଚଳଚଞ୍ଚଳତା ଫେରିବ ଓ ପରିଚାଳନାରେ ଗତି ଆସିବ । କିନ୍ତୁ ପ୍ରାୟ ୪୦ ଦିନ ବିତିଯାଇଥିଲେ ମଧ ସ୍ଥିତିରେ କୌଣସି ବଡ଼ ପରିବର୍ତ୍ତନ ଦେଖାଯାଇନି । "ଯଥା ପୂର୍ବଂ ତଥା ପରଂ" ପରି ପରିସ୍ଥିତି ଜାରି ରହିଥିବା ଚର୍ଚ୍ଚା ହେଉଛି । ଗତ ଦୁଇ ଦିନ ତଳେ ଆମ ପ୍ରତିନିଧି ରାଜ୍ୟ ସମବାୟ ବ୍ୟାଙ୍କ ପରିସରକୁ ଯାଇଥିବା ବେଳେ ଦୁଇଟି ଗାଡ଼ି ଉପରେ ନଜର ପଡ଼ିଥିଲା । କିଛି କର୍ମଚାରୀଙ୍କୁ ପଚାରିବାରୁ ଜଣାପଡ଼ିଲା ଯେ ଗୋଟିଏ ସଭାପତିଙ୍କର ଓ ଅନ୍ୟଟି ଗଉଙ୍କର । ଗାଡ଼ି ଦୁଇଟିର ଅବସ୍ଥା ଦେଖି ଏମିତି ଲାଗୁଥିଲା ଯେ, ସେମାନେ ନିଜ ମାଲିକଙ୍କ ଫେରିବା ଅପେକ୍ଷାରେ ନିରବ ଭାବେ ଠିଆ ହୋଇରହିଛନ୍ତି । ଏବେ ପ୍ରଶ୍ନ ଉଠୁଛି — ରାଜ୍ୟ ସମବାୟ ବ୍ୟାଙ୍କରେ ପୁଣିଥରେ ସେ ପୁରୁଣା ଦିନର କାର୍ଯ୍ୟଚଞ୍ଚଳତା ଓ ବିଶ୍ୱାସ ଫେରିବ କି ? ଏହାକୁ ନେଇ ଶତାଧିକ ଚାଷୀ ପରିବାର ଓ ସମବାୟ ସଦସ୍ୟମାନେ ଅପେକ୍ଷାରେ ରହିଛନ୍ତି ।

### ୪ ବର୍ଷର ସଫଳତାରେ କଟକ ଅର୍ବନ ବ୍ୟାଙ୍କ ନୂଆ ଇତିହାସ

## ଲୋକଙ୍କ ବିଶ୍ୱାସ ହିଁ ସବୁଠୁ ବଡ଼ ଶକ୍ତି

କଟକ:ଦୀର୍ଘ ୪ ବର୍ଷ ଧରି କଟକ ଅର୍ବନ କୋ-ଅପରେଟିଭ ବ୍ୟାଙ୍କ ଲଗାତାର ସଫଳତାର ନୂଆ ଅଧ୍ୟାୟ ରଚିଚାଲିଛି । କେବେ ଯେଉଁ ସଂସ୍ଥାକୁ ନେଇ ସନ୍ଦେହ ଓ ଅବହେଳାର ପରିବେଶ ସୃଷ୍ଟି କରାଯାଉଥିଲା, ଆଜି ସେହି ବ୍ୟାଙ୍କ ସାଧାରଣ ଲୋକଙ୍କ ବିଶ୍ୱାସ, ପାରଦର୍ଶିତା ଓ ସୁଶାସନର ଏକ ଶକ୍ତିଶାଳୀ ପ୍ରତୀକ ଭାବେ ଉଭା ହୋଇ ଉଠିଛି ।ଦକ୍ଷ ନେତୃତ୍ୱ, ସୁଚିନ୍ତିତ ପରିଚାଳନା ଓ ଜନମୁଖୀ କାର୍ଯ୍ୟପ୍ରଣାଳୀ ଫଳରେ ବ୍ୟାଙ୍କ ଆଜି ଆର୍ଥିକ ଭାବେ ସୁଦୃଢ଼ ଅବସ୍ଥାରେ ପହଞ୍ଚିପାରିଛି । ଗ୍ରାହକ ସେବା, ଋଣ ପରିଚାଳନା, ଆର୍ଥିକ ଶୃଙ୍ଖଳା ଓ ଲାଭଜନକ କାର୍ଯ୍ୟଦକ୍ଷତାରେ ବ୍ୟାଙ୍କ ଏକ ନୂଆ ମାନଦଣ୍ଡ ସୃଷ୍ଟି କରିଛି । ଏହାର ସଫଳ ପରିଚାଳନା ଆଜି ଅନ୍ୟାନ୍ୟ ସମବାୟ ସଂସ୍ଥା ପାଇଁ ମଧ ପ୍ରେରଣାର କାରଣ ହୋଇଛି ।ବ୍ୟାଙ୍କର ଏହି ଅଗ୍ରଗତି ପଛରେ ରହିଛି ସତ୍ୟନିଷ୍ଠା, ଦୂରଦୃଷ୍ଟି ଓ ସଦସ୍ୟମାନଙ୍କ ଅତୁଟ ଆସ୍ଥା । ସାଧାରଣ ଲୋକଙ୍କ ସମର୍ଥନ ଓ ବିଶ୍ୱାସ ହିଁ ବ୍ୟାଙ୍କକୁ ଅ ।ଗକୁ ନେଇଯାଉଛି । ଏହା ସହିତ କେତେକ ସ୍ୱାର୍ଥପର ଓ ବିରୋଧୀ ଗୋଷ୍ଠୀ ବ୍ୟାଙ୍କର ସଫଳତାକୁ ସହିନପାରି ଭ୍ରମ ସୃଷ୍ଟି କରିବାର ଅପଚେଷ୍ଟା କରୁଥିବା ଅଭିଯୋଗ ହେଉଛି କିନ୍ତୁ ଲୋକମାନେ ଏବେ ସତ୍ୟ ଓ ମିଥ୍ୟାର ତଫାତ ସ୍ପଷ୍ଟ ଭାବେ ବୁଝିପାରୁଛନ୍ତି ।ବ୍ୟାଙ୍କ ସହ ଜଡିତ ସଦସ୍ୟ ଓ ଗ୍ରାହକମାନଙ୍କ କହିବା ଅନୁସାରେ, ଯେଉଁମାନେ କାମ



କରନ୍ତି, ଲୋକ ସେମାନଙ୍କୁ ହିଁ ଆଶୀର୍ବାଦ ଓ ସମର୍ଥନ ଦେଇଥାନ୍ତି । ଖାଲି ଆଲୋଚନା କିମ୍ବା ରାଜନୀତି କରି ସଂସ୍ଥାର ଉନ୍ନତିକୁ ଅଟକାଇ ହେବ ନାହିଁ ବୋଲି କାର୍ଯ୍ୟକର୍ତ୍ତା ମାନେ ମତ ପ୍ରକାଶ କରିଛନ୍ତିଲଗାତାର ୪ ବର୍ଷର ସଫଳତା ଏହା ପ୍ରମାଣ କରିଛି ଯେ, ସଠିକ୍ ନେତୃତ୍ୱ ଓ ସ୍ୱଚ୍ଛ ପରିଚାଳନା ଥିଲେ ସମବାୟ ସଂସ୍ଥାମାନେ ମଧ ଦୃଢ଼ ଆର୍ଥିକ ସଂସ୍ଥା ଭାବେ ଗଢ଼ିଉଠିପାରନ୍ତି । ଆସନ୍ତା ଦିନରେ ଆହୁରି ବ୍ୟାପକ ଭାବେ ଲୋକସେବା, ଆର୍ଥିକ ସଶକ୍ତିକରଣ ଓ ସମବାୟ ଆନ୍ଦୋଳନକୁ ମଜବୁତ କରିବା ଲକ୍ଷ୍ୟରେ ବ୍ୟାଙ୍କ କାର୍ଯ୍ୟ କରିବ ବୋଲି ସାଧାରଣ ଲୋକଙ୍କ ମଧ୍ୟରେ ଆଶା ଓ ବିଶ୍ୱାସ ବଢ଼ିଛି ।

## ସମବାୟ ସଦସ୍ୟତା ମହାଅଭିଯାନ

# ୨୦୨୬ ପାଇଁ ମାଷ୍ଟର ଟ୍ରେନରଙ୍କ ଓରିଏଣ୍ଟେସନ୍ ଶିବିର ଆୟୋଜିତ





ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ (**OSCB**) ସମ୍ମିଳନୀ କକ୍ଷରେ ସମବାୟ ବିଭାଗ ପକ୍ଷରୁ ଆଗାମୀ "ସମବାୟ ସଦସ୍ୟତା ମହାଅଭିଯାନ–୨୦୨୬" ର ସଫଳ ରୂପାୟନ ନିମନ୍ତେ ମାଷ୍ଟର ଟ୍ରେନରମାନଙ୍କୁ ନେଇ ଏକ ଓରିଏଣ୍ଟେସନ୍ ଓ ପ୍ରଶିକ୍ଷଣ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ରାଜ୍ୟର ସମସ୍ତ **DRCS** ମାନେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ପାଟିଲ ତୃଣମୂଳ ସ୍ତରରେ ସମବାୟ ଆନ୍ଦୋଳନକୁ ଆହୁରି ସୁଦୃଢ଼ କରିବାରେ ମାଷ୍ଟର ଟ୍ରେନରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେ କହିଥିଲେ ଯେ, ଅଧିକରୁ ଅଧିକ ଚାଷୀ ଓ ସାଧାରଣ ଜନସାଧାରଣଙ୍କୁ ସମବାୟ ସମିତି ସହ ଯୋଡ଼ିବା ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବା ଏହି ମହାଅଭିଯାନର ପ୍ରମୁଖ ଲକ୍ଷ୍ୟ। ପ୍ରଶିକ୍ଷଣ ଶିବିରରେ ଅଭିଯାନର କାର୍ଯ୍ୟପଦ୍ଧତି, ସଚେତନତା କାର୍ଯ୍ୟକ୍ରମ, ଏବଂ ସଦସ୍ୟତା ବୃଦ୍ଧି ପାଇଁ କ୍ଷେତ୍ର ସ୍ତରରେ ନେବାକୁ ପଡ଼ିବା ଉଚିତ ପଦକ୍ଷେପ ସମ୍ପର୍କରେ ରୂପରେଖା ଦିଆଯାଇଥିଲା ।

## ପଦାରେ ପଡ଼ିଲା ନକଲି ଋଣ ବଣ୍ଟନ

# ସମବାୟ ବ୍ୟାଙ୍କରେ କୋଟି କୋଟି ଟଙ୍କାର ଋଣ ଜାଲିଆତି




- ୨୦୨୨-୨୩ରେ ୨, ୯୯୭କୋଟି
- ୨୦୨୩-୨୪ରେ ୩ହଜାର ୮୩୮ କୋଟି
- ୨୦୨୪-୨୫ରେ ୪ହଜାର ୫୪କୋଟି

### ୩ବର୍ଷ ଧରି ପରିଚାଳନା ନିର୍ଦ୍ଦେଶକ ଖାଲି

### ପ୍ରଶ୍ନଉଠୁଛି ଋଣ ଜାଲିଆତି କରୁଛି କିଏ ?

ଭୁବନେଶ୍ୱର: ରାଜ୍ୟରେ ସମବାୟ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସ୍ୱଳ୍ପମିଆଦୀ ଋଣ ବ୍ୟବସ୍ଥାରେ କାଗଜ ପତ୍ରରେ ବ୍ୟାପକ ଜାଲିଆତି ହେଉଛି ଅବାସ୍ତବ ଋଣଗ୍ରହୀତାଙ୍କ ନାମରେ ବିପୁଳ ପରିମାଣର ନକଲି ଋଣ ବଣ୍ଟନ କରାଯାଉଥିବାରୁ ସମବାୟ ବ୍ୟାଙ୍କ ଉପରେ ଦିନକୁ ଦିନ ଋଣଭାର ବଢ଼ିବା ସହିତ ଅସନ୍ତୁଳନ ତଥା (ଇମ୍ବାଲାନ୍ସ) ପରିସ୍ଥିତି ଉପୁଜୁଛି । ଏହାସହିତ ସମବାୟ ବ୍ୟାଙ୍କରେ ନିୟମିତ ପରିଚାଳନା ନିର୍ଦ୍ଦେଶକ ପଦ ୩ବର୍ଷ ଧରି ଖାଲି ପଡ଼ିଥିବାରୁ ଏସବୁକୁ ଦେଖିବାକୁ କେହି ନାହିଁ ବୋଲି ଅଲ୍ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି କହିଛନ୍ତି । ସମ୍ପାଦକ ମହାନ୍ତି ସମବାୟ ବ୍ୟାଙ୍କରେ ଚାଲିଥିବା ବ୍ୟାପକ ଅନିୟମିତତାକୁ ନେଇ କହିଛନ୍ତି, ରାଜ୍ୟରେ ଥିବା ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପକ୍ଷରୁ ଯେଉଁ ଶସ୍ୟ ଋଣ ପ୍ରଦାନ କରାଯାଉଛି ସେଥିରେ ଅଧିକାଂଶ କ୍ଷେତ୍ରରେ ନକଲି ଜମି ରେକର୍ଡ ଉପରେ ଆଧାରିତ ହେଉଛି। ସେହିପରି ନକଲି ଆଦାୟ ଏବଂ ଫସଲ ଋଣର ବାରମ୍ବାର ବଣ୍ଟନ ଯୋଗୁ ବ୍ୟାଙ୍କର ଇମ୍‌ବାଲାନ୍ସ ବଢ଼ି ଚାଲିଛି । ୨୦୨୨-୨୩ ବର୍ଷରେ ସମବାୟ ବ୍ୟାଙ୍କରେ ଇମ୍‌ବାଲାନ୍ସ ପରିମାଣ ୨, ୯୯୭କୋଟି ଟଙ୍କା ରହିଥିବାବେଳେ ୨୦୨୩-୨୪ରେ ଏହା ୩ହଜାର ୮୩୮ କୋଟିରେ ପହଞ୍ଚିଥିଲା। ୨୦୨୪-୨୫ରେ ଏହା ୪ହଜାର ୫୪କୋଟି ଟଙ୍କା ହୋଇଥିବାବେଳେ ୨୦୨୫-୨୬ ଆର୍ଥିକବର୍ଷରେ ଏହାର ଆକଳନ କରାଗଲେ ପୁଣି ବଢ଼ିବ। ଏହି ବିପୁଳ ଅସନ୍ତୁଳନର ପ୍ରମୁଖ କାରଣ ହେଉଛି କ୍ଷେତ୍ରୀୟ ସୁପରଭାଇଜରଙ୍କ ଦ୍ୱାରା ନିୟମିତ ତଦାରଖର ଅଭାବ । ଯଦି ସୁପରଭାଇଜରମାନେ ନିୟମିତ ଭାବେ ପ୍ରାଥମିକ କୃଷି ସମବାୟ ସମିତି(ପିଏସିଏସ୍) ପରିଦର୍ଶନ ଓ ତଦାରଖ କରନ୍ତେ ତେବେ ଏଥିରେ କିଛି ଉନ୍ନତି ଆସି ପାରନ୍ତା। ମାତ୍ର ନଗଦ ସନ୍ତୁଳନ, ଷ୍ଟକ୍ ରେଜିଷ୍ଟର, ରଶିଦ୍ ବହି ସହ ରୋକଡ ରେଜିଷ୍ଟର, ଋଣ ରେକର୍ଡ ଓ ଆକାଉଣ୍ଟ୍ ବହି ଯାଞ୍ଚ ଠିକ୍ ଭାବେ କରାଯାଉନାହିଁ। ଏକ ବିଶେଷ ପ୍ରସଙ୍ଗ ଉଠାଇ ସେ କହିଛନ୍ତି, ସଦସ୍ୟଙ୍କଠାରୁ ଆଦାୟ ହୋଇଥିବା ଟଙ୍କା ଠିକ୍ ଭାବରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କକୁ ପଇଠ କରାଯାଉନାହିଁ। ଆକାଉଣ୍ଟିଂ ଅସଙ୍ଗତି ଓ ରିପୋର୍ଟିରେ ବିଳମ୍ବ ସହିତ କେତେକ ସ୍ଥାନରେ ଅନିୟମିତତା ଓ ଅର୍ଥ ତୋସରପାତ ହେଉଥିବା ଯୋଗୁ ସମବାୟ ବ୍ୟାଙ୍କରେ ଏବେ ଏହି ପରିସ୍ଥିତି ଉପୁଜିଛି। ସେହିପରି ସମବାୟ ବିଭାଗର ଇନ୍ସପେକ୍ଟର ଅଫ୍ କୋ-ଅପରେଟିଭ୍ ସୋସାଇଟିଠାରୁ ଆରମ୍ଭ କରି ରେଜିଷ୍ଟ୍ରାର ପର୍ଯ୍ୟନ୍ତ ସମସ୍ତ ଅଧିକାରୀ କ୍ୱାସି - ଜୁଡିସିଆଲ୍ କର୍ତ୍ତୃପକ୍ଷ ଅଟନ୍ତି। କିନ୍ତୁ ଏହି ଅଧିକାରୀମାନଙ୍କର ଜୁଡିସିଆଲ କାର୍ଯ୍ୟ ସମ୍ପର୍କରେ ଯଥେଷ୍ଟ ଜ୍ଞାନ ଓ ବିଶେଷଜ୍ଞତାର ଅଭାବ ହେତୁ ସମଗ୍ର ବିଭାଗର ବାସି-ଜୁଡିସିଆଲ୍ କ୍ୱାସି-ଜୁଡିସିଆଲ୍ କାର୍ଯ୍ୟ ବର୍ଷ ବର୍ଷ ଧରି ଅକର୍ମଣ୍ୟ, ମନଇଚ୍ଛା ଓ ଅର୍ଥହୀନ ହୋଇପଡ଼ିଛି ଏହି ଅଧିକାରୀମାନଙ୍କୁ ସମବାୟ ଆଇନ ଓ କ୍ୱାସି-ଜୁଡିସିଆଲ୍ କାର୍ଯ୍ୟ ପାଳନରେ ନିୟମିତ ତାଲିମ୍ ଓ ଓରିଏଣ୍ଟେଶନ ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ। ଏହାସହିତ ସମୟସୀମାଭିତ୍ତିକ କୀ-ପର୍ଫର୍ମାନ୍ସ ଇଣ୍ଡିକେଟର୍ସ(କେପିଆଇ) ଅନୁସାରେ କାର୍ଯ୍ୟଦକ୍ଷତାକୁ ପ୍ରତି ତ୍ରୈମାସିକରେ ସମୀକ୍ଷା କରାଯିବା ଆବଶ୍ୟକ। ହେଲେ ସେସବୁର ଅବହେଳା ଏଥିପାଇଁ କେତେକାଂଶରେ ଦାୟୀ। ସରକାର ଯଦି ତୁରନ୍ତ ଏଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଇମ୍‌ବାଲାନ୍ସ ପରିମାଣ ବଢ଼ି ଚାଲିବ ବୋଲି ସାଧାରଣ ସମ୍ପାଦକ ମହାନ୍ତି କହିଛନ୍ତି।

# ଓଡିଶା ରାଜ୍ୟ ସମବାୟ ୟୁନିଅନ ସମ୍ପର୍କରେ NCUIର ବରିଷ୍ଠ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

### ଖୁବଶୀଘ୍ର ଜାତୀୟ ସମ୍ମିଳନୀ ଓ ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ



ନୂଆଦିଲ୍ଲୀ: ନୂଆଦିଲ୍ଲୀଠାରେ **National Cooperative Union of India (NCUI)** ର ବରିଷ୍ଠ କର୍ମଚାରୀ ଏବଂ **President** ଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ରିତେଶ ଦେ ଓ ସହକାରୀ ନିର୍ଦ୍ଦେଶକ ଶ୍ରୀ ପଙ୍କଜ ଗୁପ୍ତାଙ୍କ ସହ ଓଡିଶା ରାଜ୍ୟ ସମବାୟ ୟୁନିଅନର ନିର୍ଦ୍ଦେଶକ ଶ୍ରୀ ରଂଜନ କୁମାର ଦାସ ଙ୍କ ସହିତ ଓଡିଶା ସାମ୍ପ୍ରତିକ ପରିସ୍ଥିତି, ସମବାୟ ଆନ୍ଦୋଳନର ସୁଦୃଢୀକରଣ ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ଦୀର୍ଘ ସମୟ ଧରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।ଆଲୋଚନା ସମୟରେ ଓଡିଶାରେ ସମବାୟ କ୍ଷେତ୍ରର ଉନ୍ନତି, ସଦସ୍ୟ ସଚେତନତା, ପ୍ରଶିକ୍ଷଣ ବ୍ୟବସ୍ଥା, ସମବାୟ ସଂସ୍ଥାମାନଙ୍କର କାର୍ଯ୍ୟ କୁଶଳତା ବୃଦ୍ଧି ଏବଂ ଯୁବ ପିଢିଙ୍କୁ ସମବାୟ ଆନ୍ଦୋଳନ ସହ ଯୋଡିବା ନେଇ ବିସ୍ତୃତ ମତ ବିନିମୟ ହୋଇଥିଲା ବୋଲି ଶ୍ରୀ ଦାସ ଏକ ପ୍ରେସ ବିବୃତିରେ କହିଛନ୍ତି । ବିଶେଷକରି ସମବାୟ କ୍ଷେତ୍ରରେ ଜାତୀୟ ସ୍ତରରେ ଓଡିଶାର ଭୂମିକାକୁ ଆହୁରି ସକ୍ରିୟ କରିବା ପାଇଁ ବିଭିନ୍ନ ପଦକ୍ଷେପକୁ ନେଇ ମଧ୍ୟ ଚର୍ଚ୍ଚା କରାଯାଇଥିଲା।ଏହି ଅବସରରେ ଶ୍ରୀ ରିତେଶ ଦେ ସୂଚନା ଦେଇଥିଲେ ଯେ, ସମବାୟ କ୍ଷେତ୍ରର ସୁଦୃଢ ବିକାଶ ଓ ବିଭିନ୍ନ ରାଜ୍ୟ ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇଁ ଖୁବଶୀଘ୍ର ଏକ ବୃହତ୍ ଜାତୀୟ ସମ୍ମିଳନୀ ଆୟୋଜନ କରାଯିବ। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟର ସମବାୟ ପ୍ରତିନିଧି, ପ୍ରଶାସକ, ବିଶେଷଜ୍ଞ ଏବଂ ସଂଗଠନର ନେତୃତ୍ୱ ନେଉଥିବା ବ୍ୟକ୍ତି ମାନେ ଯୋଗଦେବେ। ଏହା ମାଧ୍ୟମରେ ସମବାୟ କ୍ଷେତ୍ରର ନୂତନ ନୀତି, ପ୍ରଶିକ୍ଷଣ, ପ୍ରଯୁକ୍ତି ବ୍ୟବହାର ଏବଂ ଆର୍ଥିକ ସୁଦୃଢତା ନେଇ ଆଲୋଚନା ହେବାର ସମ୍ଭାବନା ରହିଛି। ସେହିପରି **NCUI** ର **PS (Personal)** ଶ୍ରୀମତୀ **Sunita Aswal** ଙ୍କ ସହ ରାଜ୍ୟ ସମବାୟ ୟୁନିଅନର ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ତାଲିମ ଓ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ସମବାୟ ସଂସ୍ଥାର ନବନିର୍ବାଚିତ ପ୍ରତିନିଧିମାନଙ୍କୁ ପ୍ରଶାସନିକ ଦକ୍ଷତା, ଆର୍ଥିକ ପରିଚାଳନା, ଆଇନଗତ ଜ୍ଞାନ ଏବଂ ସଂଗଠନ ପରିଚାଳନା ସମ୍ପର୍କରେ ସଚେତନ କରିବା ପାଇଁ ଖୁବଶୀଘ୍ର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି **NCUI** ର ସିଇଓ ଶ୍ରୀ ଦାସ ଙ୍କୁ ସୂଚନା ଦେଇଥିଲେ।ଏହି ଆଲୋଚନାକୁ ସମବାୟ କ୍ଷେତ୍ର ପାଇଁ ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖାଯାଉଛି। ଓଡିଶାରେ ସମବାୟ ଆନ୍ଦୋଳନକୁ ଆହୁରି ଗତିଶୀଳ ଓ ସଶକ୍ତ କରିବା ଦିଗରେ ଏହିପରି ଆଲୋଚନା ଏବଂ ସମନ୍ୱୟ ଆଗାମୀ ଦିନରେ ନୂତନ ଦିଗ ଦେଖାଇବ ବୋଲି ମତ ପ୍ରକାଶ ପାଇଛି।

# ଶିକ୍ଷାନୀତିର ବିଫଳତା

●ମୋନାଲିସା ଦାସ

ଶିକ୍ଷା ହେଉଛି ମଣିଷ ସମାଜ ପାଇଁ ଏକ ଉନ୍ନତିରପଥ । ଯଦି ଶିକ୍ଷା ନାହିଁ ତେବେ ମଣିଷ କେଉଁଠି ନାଁ କେଉଁଠି ବାଟ ହୁରୁଡିବା ସୁନିଶ୍ଚିତ । ତେଣୁ ଶିକ୍ଷା ଯେମିତି ପିଲାଙ୍କ ଭବିଷ୍ୟତକୁ ନଷ୍ଟ ନ କରିବ ସେଥିପ୍ରତି ସମସ୍ତଙ୍କର ଦାୟିତ୍ୱ ବା କର୍ତ୍ତବ୍ୟ ରହିବାର ଆବଶ୍ୟକତା ରହିଛି ଯାହାକି ଶିକ୍ଷାନୀତିର ବିଫଳତାକୁ ପଦାରେ ପକାଇଛି । ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍‌କୁ ନେଇ ସାରା ଦେଶରେ ହଟଚମଟ ସୃଷ୍ଟି ହୋଇଥିବାବେଳେ ଦିନକୁ ଦିନ ନୂଆ ନୂଆ ତଥ୍ୟ ଆଗକୁ ଆସିବାରେ ଲାଗିଛି ।ସାରା ଦେଶରେ ମେ ୩ ତାରିଖରେ ଅନୁଷ୍ଠିତ ହୋଇଥିବା ନିଟ୍-ୟୁଜି ପରୀକ୍ଷାକୁ ବାତିଲ କରାଯାଇଥିଲା । ପରୀକ୍ଷାରେ ୨୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ନିଟ୍ ୟୁଜି ପରୀକ୍ଷା ବାତିଲ ହେବା ପରଠାରୁ, ପରୀକ୍ଷା ଦେଇଥିବା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଖରେ କେବଳ ଗୋଟିଏ ପ୍ରଶ୍ନ ଥିଲା: ନିଟ୍ ପରୀକ୍ଷା ପୁଣି ଥରେ କରାଯିବ କି? ତଥାପି ଏନ୍‌ଟିଏ ଦ୍ୱାରା ନିଟ୍ ୟୁଜି ପରୀକ୍ଷାର ଆଧିକାରିକ ତାରିଖ ଘୋଷଣା କରାଯାଇଛି । ଏପରି ପରିସ୍ଥିତିରେ ନିଟ୍ ୟୁଜି ପୁନଃପରୀକ୍ଷାରେ ଯୋଗ ଦେବାକୁ ଯାଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି । ନୂତନ ତାରିଖ ଅନୁଯାୟୀ ଆସନ୍ତା ଜୁନ ୨୧ ତାରିଖରେ ଦେଶବ୍ୟାପୀ ୪୨୫୦ଟି କେନ୍ଦ୍ରରେ ନିଟ୍ ୟୁଜି ପରୀକ୍ଷା ହେବ ।

କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ୍ ପେପର ଲିକ୍ ପ୍ରସଙ୍ଗରେ ଏକ ବଡ଼ ବୟାନ ଦେଇଛନ୍ତି । ସରକାରଙ୍କ ପ୍ରାଥମିକତା ହେଉଛି ଛାତ୍ରଛାତ୍ରୀଙ୍କ କଲ୍ୟାଣ । କିଛି ଲୋକ ସୋସିଆଲ ମିଡିଆରେ ଭ୍ରମ ସୃଷ୍ଟି କରୁଛନ୍ତି । ଆସନ୍ତା ବର୍ଷ ଠାରୁ ନିଟ୍ ପରୀକ୍ଷାରେ ବଡ଼ ପରିବର୍ତ୍ତନ ହେବ । ନିଟ୍ ପରୀକ୍ଷା ଓଏମ୍‌ଆର ସିଟ୍ ବଦଳରେ କମ୍ପ୍ୟୁଟର ଆଧାରିତ ହେବ । ନିଟ୍ ୟୁଜି ପରୀକ୍ଷା ଏବେ ଜୁନ୍ ୨୧ ତାରିଖରେ ପୁନଃନିର୍ଦ୍ଧାରିତ ହେବ । ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଶୁକ୍ରବାର ନୂତନ ପରୀକ୍ଷା ତାରିଖ ଘୋଷଣା କରିଛି । ଏହି ପରୀକ୍ଷା ପୂର୍ବରୁ ମେ ୩ ତାରିଖରେ ଅନୁଷ୍ଠିତ ହୋଇଥିଲା । କିନ୍ତୁ ପେପର୍ ଲିକ୍ ଯୋଗୁଁ ଏହାକୁ ବାତିଲ କରାଯାଇଥିଲା ।

ଏନ୍‌ଟିଏ ଅନୁଯାୟୀ ନିଟ୍ ୟୁଜି ପୁନଃପରୀକ୍ଷାରେ ଯୋଗ ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷାରେ ଯୋଗ ଦେବା ପାଇଁ ପୁଣି ପଞ୍ଜୀକରଣ କରିବାକୁ ପଡ଼ିବ ନାହିଁ । ଏହା ସହିତ ଛାତ୍ରଛାତ୍ରୀମାନଙ୍କୁ ପଞ୍ଜୀକରଣ ଫି ମଧ୍ୟ ଜମା କରିବାକୁ ପଡ଼ିବ ନାହିଁ । ଡାକ୍ତରୀ ଶିକ୍ଷା ପାଇଁ ଦେଶବ୍ୟାପୀ ଆୟୋଜିତ ହେଉଥିବା ନିଟ୍- ୟୁଜି ପରୀକ୍ଷା ଆସନ୍ତାବର୍ଷଠାରୁ କମ୍ପ୍ୟୁଟର ଆଧାରିତ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟ ଅନିୟମିତତାକୁ ଦୃଷ୍ଟିରେ ରଖି ନିଟ୍- ୟୁଜି ପରୀକ୍ଷାକୁ ଆସନ୍ତାବର୍ଷଠାରୁ କମ୍ପ୍ୟୁଟର ଆଧାରିତ କରାଯିବ ବୋଲି ଶୁକ୍ରବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଘୋଷଣା କରିଛନ୍ତି । ମେ ୩ ତାରିଖରେ ହୋଇଥିବା ନିଟ୍ -ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ସେ ସ୍ୱୀକାର କରିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ଆମେ ଚାହୁଁ ନଥିଲୁ ଯେ କୌଣସି ଭୁଲ ପ୍ରାର୍ଥୀଙ୍କୁ ଚୟନ କରାଯାଉ । ସେଥିପାଇଁ ଆମେ ପରୀକ୍ଷା ବାତିଲ କରିବାର ଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛୁ । ପରୀକ୍ଷା ଏବେ ଜୁନ୍ ୨୧ ତାରିଖ (ରବିବାର) ଅନୁଷ୍ଠିତ ହେବ । ଜୁନ୍ ୧୪ ତାରିଖରେ ନିଟ୍ ପୁନଃ ପରୀକ୍ଷାର ଆଡମିଟ୍ କାର୍ଡ଼ ମିଳିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ତେଣୁ ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନଷ୍ଟ ନ କରି ସରକାର ଏକ ସୁଚିନ୍ତିତ ବ୍ୟବସ୍ଥା କଲେ ହୁଏତ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ସୁଧାର ଆସିପାରିବ ବୋଲି ଆଶାବ୍ୟକ୍ତ ।

# କୃତ୍ରିମ ବୁଦ୍ଧିମତ୍ତାର ପରିବର୍ତ୍ତନ

କୃତ୍ରିମ ବୁଦ୍ଧିମତ୍ତାର (**AI**) ଦ୍ରୁତ ବିକାଶ ପାରମ୍ପରିକ ଶିକ୍ଷା ଏବଂ ଚାକିରି ବଜାରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଛି । ଯେଉଁ ଡିଗ୍ରୀଗୁଡ଼ିକ ଏକ ସମୟରେ ନିଶ୍ଚିତ ନିଯୁକ୍ତିର ପ୍ରତିଶ୍ରୁତି ଦେଉଥିଲା, ସେଗୁଡ଼ିକ ଏବେ ନୂତନ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି । କୃତ୍ରିମ ବୁଦ୍ଧିମତ୍ତା ଦୈନନ୍ଦିନ ରୁଟିନ୍ କାର୍ଯ୍ୟଗୁଡ଼ିକୁ ସ୍ୱୟଂଚାଳିତ କରିବା ସହିତ ଅନେକ ପ୍ରବେଶ ସ୍ତରର ପଦବୀ ହ୍ରାସ କରୁଛି । ଏହି ପରିବର୍ତ୍ତନ କେବଳ ଚାକିରି ହରାଇବାକୁ ବୁଝାଉ ନାହିଁ, ବରଂ ଏହା ନୂତନ ଦକ୍ଷତା ଏବଂ ଭିନ୍ନ ଭୂମିକାର ଆବଶ୍ୟକତା ସୃଷ୍ଟି କରୁଛି ।

ବ୍ୟବସାୟ ପ୍ରଶାସନ (**Business Administration**) ଡିଗ୍ରୀ ଏହି ପରିବର୍ତ୍ତନର ସବୁଠାରୁ ବଡ଼ ପ୍ରଭାବ ଅନୁଭବ କରୁଛି । ପୂର୍ବରୁ ଏହା ଏକ ସୁରକ୍ଷିତ ବିକଳ୍ପ ଭାବେ ଗଣାଯାଉଥିଲା, କିନ୍ତୁ ଏବେ କୃତ୍ରିମ ବୁଦ୍ଧିମତ୍ତା ଅତି ସହଜରେ ରିପୋର୍ଟ ପ୍ରସ୍ତୁତି, ଜଟିଳ ତଥ୍ୟ ବିଶ୍ଳେଷଣ ଏବଂ ଦୈନନ୍ଦିନ ପରିଚାଳନା କାର୍ଯ୍ୟ କରିପାରୁଛି । ଯେଉଁମାନେ କେବଳ ପାଠ୍ୟପୁସ୍ତକର ଡିଗ୍ରୀ ଉପରେ ନିର୍ଭର କରିବେ, ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ବଢ଼ିବ; କିନ୍ତୁ ଯେଉଁମାନେ ରଣନୈତିକ ଚିନ୍ତାଧାରା, ନେତୃତ୍ୱ ଗୁଣ ଏବଂ ମାନବୀୟ ବିଚାରଶକ୍ତିର ପ୍ରୟୋଗ କରିବେ, ସେମାନେ ଏହି କ୍ଷେତ୍ରରେ ଆହୁରି ଅଧିକ ସଫଳ ହୋଇପାରିବେ ।

ମାର୍କେଟିଂ ଏବଂ ବିଜ୍ଞାପନ ଶିକ୍ଷାକ୍ରମ ମଧ୍ୟ ବହୁତ ପରିବର୍ତ୍ତିତ ହୋଇଛି । କୃତ୍ରିମ ବୁଦ୍ଧିମତ୍ତା ଏବେ ସ୍ୱୟଂଚାଳିତ ଭାବରେ ବିଜ୍ଞାପନର ଚିଠା ପ୍ରସ୍ତୁତ କରିବା, ସୋସିଆଲ୍ ମିଡିଆ ବିଷୟବସ୍ତୁ ପ୍ରସ୍ତୁତ କରିବା ଏବଂ ଗ୍ରାହକଙ୍କ ଆଭିମୁଖ୍ୟ ବିଶ୍ଳେଷଣ କରିପାରୁଛି । ଯେଉଁମାନେ ସୃଜନଶୀଳ କଳ୍ପନା, ମାନବୀୟ ଆବେଗକୁ ବୁଝିବା ଏବଂ ଗଭୀର ରଣନୀତି ପ୍ରସ୍ତୁତ କରିବାରେ ଦକ୍ଷ, ସେମାନଙ୍କର ମୂଲ୍ୟ ବୃଦ୍ଧି ପାଇବ । ଏହା ଦ୍ୱାରା କେବଳ ସାଧାରଣ ଟେମ୍ପଲେଟ୍ ଆଧାରିତ କାର୍ଯ୍ୟ କରୁଥିବା କଣ୍ଟେଣ୍ଟ ଲେଖକଙ୍କ ପାଇଁ ସୁଯୋଗ କମିବ ।

ସାମ୍ବାଦିକତା ଏବଂ ଗଣମାଧ୍ୟମ ଅଧ୍ୟୟନ ର ଭବିଷ୍ୟତ ମଧ୍ୟ ପରିବର୍ତ୍ତନଶୀଳ । କୃତ୍ରିମ ବୁଦ୍ଧିମତ୍ତା ଏବେ ଖବରର ସାରାଂଶ ପ୍ରସ୍ତୁତ କରିବା, ତଥ୍ୟଭିତ୍ତିକ ରିପୋର୍ଟ ଏବଂ ମୌଳିକ ଲେଖା ଶୀଘ୍ର ପ୍ରସ୍ତୁତ କରିଦେଉଛି । ତଥାପି, ଅନୁସନ୍ଧାନମୂଳକ ରିପୋର୍ଟିଂ, ଘଟଣାର ଗଭୀର ବିଶ୍ଳେଷଣ ଏବଂ ନୈତିକ ସାମ୍ବାଦିକତା ପାଇଁ ମଣିଷର ଆବଶ୍ୟକତା ସବୁବେଳେ ରହିବ । ଯେଉଁମାନେ କୃତ୍ରିମ ବୁଦ୍ଧିମତ୍ତାକୁ ଏକ ସହାୟକ ଉପକରଣ ଭାବରେ ବ୍ୟବହାର କରି ନିଜ କାର୍ଯ୍ୟରେ ଗୁଣାତ୍ମକ ମୂଲ୍ୟ ଯୋଡ଼ିବେ, ସେମାନେ ହିଁ ଏହି କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବେ ।

ଯୋଗାଯୋଗ ଏବଂ ଜନସମ୍ପର୍କ ଡିଗ୍ରୀର ପ୍ରାସଙ୍ଗିକତା ମଧ୍ୟ ପରିବର୍ତ୍ତିତ ହେଉଛି । ସ୍ୱୟଂଚାଳିତ ଇମେଲ୍ ପ୍ରେରଣ, ପ୍ରେସ୍ ବିବୃତ୍ତି ପ୍ରସ୍ତୁତି ଏବଂ ମୌଳିକ ସଙ୍କଟ ପରିଚାଳନା କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସମ୍ଭବ ହେଉଛି । କିନ୍ତୁ ପ୍ରକୃତ ମାନବୀୟ ସମ୍ପର୍କ ସ୍ଥାପନ, ଜଟିଳ ସଙ୍କଟ ସମାଧାନ ଏବଂ ବ୍ୟକ୍ତିଗତ ନେତୃତ୍ୱ କୌଶଳ ଏବେ ମଧ୍ୟ ଅପରିହାର୍ଯ୍ୟ ହୋଇ ରହିଛି ।

ଆଇନ୍ ଏବଂ ପାରାଲିଗାଲ୍ ଶିକ୍ଷାକ୍ରମ ରେ କୃତ୍ରିମ ବୁଦ୍ଧିମତ୍ତା ଏବେ ଅତି ଦକ୍ଷତାର ସହ ଚୁକ୍ତିପତ୍ର ଯାଞ୍ଚ, ଆଇନଗତ ଗବେଷଣା ଏବଂ ଦସ୍ତାବିଜ୍ ପ୍ରସ୍ତୁତି କରୁଛି । ଏହା ଫଳରେ ସାଧାରଣ ସହଯୋଗୀ ବା ଜୁନିୟର ପଦବୀଗୁଡ଼ିକ ହ୍ରାସ ପାଇବ, କିନ୍ତୁ କୋର୍ଟର କାର୍ଯ୍ୟକଳାପ, ମକଦ୍ଦମା ପରିଚାଳନା ପାଇଁ ରଣନୀତି, ଆଲୋଚନା ଏବଂ ଉଚ୍ଚ ବିଚାରଶକ୍ତି ଆଧାରିତ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ମଣିଷର ନିୟନ୍ତ୍ରଣରେ ରହିବ ।

ମୌଳିକ କମ୍ପ୍ୟୁଟର ବିଜ୍ଞାନ (**Basic Computer Science**) ଡିଗ୍ରୀର ସ୍ଥିତି ମଧ୍ୟ ସମ୍ପୂର୍ଣ୍ଣ ବଦଳିଛି । ସାଧାରଣ କୋଡିଂ କାର୍ଯ୍ୟ ଏବେ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସହଜରେ ହୋଇପାରୁଛି; ତେଣୁ ଛାତ୍ରମାନେ ଏବେ ସିଷ୍ଟମ୍ ଆର୍କିଟେକ୍ଚର, ସାଇବର ସୁରକ୍ଷା ଏବଂ ନୂତନ ଏଆଇ ମଡେଲ୍ ତିଆରି କରିବା ଭଳି ଉଚ୍ଚସ୍ତରୀୟ ଯାନ୍ତ୍ରିକ କୌଶଳ ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ ।

ହିସାବରକ୍ଷକ (**Accounting**) ଏବଂ ଆର୍ଥିକ ବିଶ୍ଳେଷଣ ଡିଗ୍ରୀରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆସିଛି । ସ୍ୱୟଂଚାଳିତ ହିସାବ ଏବଂ ରିପୋର୍ଟ ପ୍ରସ୍ତୁତି କାମ ଏଆଇ କରୁଛି, କିନ୍ତୁ ଜଟିଳ ଆର୍ଥିକ ରଣନୀତି, ଟିକସ ପରାମର୍ଶ ଏବଂ ବ୍ୟବସାୟିକ ବୁଝାମଣା ପାଇଁ ଏବେ ମଧ୍ୟ ମଣିଷର ବିଚାରଶକ୍ତି ଅପରିହାର୍ଯ୍ୟ ।

ଗ୍ରାଫିକ୍ ଡିଜାଇନ୍ ଏବଂ ଡିଜିଟାଲ୍ ଆର୍ଟ୍ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ଅନେକ ସାଧାରଣ ଟେମ୍ପଲେଟ୍-ଆଧାରିତ କାର୍ଯ୍ୟ ନିଜ ହାତକୁ ନେଇଯାଇଛି । ଯେଉଁମାନେ ଏଆଇକୁ ଏକ ସହାୟକ ଉପକରଣ ଭାବେ ଗ୍ରହଣ କରି ଅଧିକ ସୃଜନଶୀଳ କାର୍ଯ୍ୟ କରିପାରିବେ ଏବଂ ନୂତନ ମୌଳିକ ଧାରଣା ସୃଷ୍ଟି କରିପାରିବେ, ସେମାନଙ୍କର ଚାହିଦା ବଜାରରେ ବୃଦ୍ଧି ପାଇବ ।

ଇଂରାଜୀ ସାହିତ୍ୟ ଏବଂ ଭାଷା ଅଧ୍ୟୟନ ମଧ୍ୟ ଏହି ପ୍ରଭାବରୁ ବାଦ୍ ପଡ଼ିନାହିଁ । କୃତ୍ରିମ ବୁଦ୍ଧିମତ୍ତା ବ୍ୟାକରଣଗତ ଭାବେ ସଠିକ୍ ଲେଖା ପ୍ରସ୍ତୁତ କରିପାରୁଛି, କିନ୍ତୁ ଗଭୀର କାହାଣୀ କହିବା, ସାଂସ୍କୃତିକ ଗୂଢ଼ତତ୍ତ୍ୱ ବୁଝିବା ଏବଂ ମାନବୀୟ ଅନୁଭୂତିକୁ ଜୀବନ୍ତ ଭାବେ ପ୍ରକାଶ କରିବା ପାଇଁ ଏହି ଡିଗ୍ରୀର ମୂଲ୍ୟ ଏବେ ମଧ୍ୟ ଅତୁଟ ରହିଛି ।

ସମଗ୍ର ଭାବେ ଦେଖିଲେ, କୃତ୍ରିମ ବୁଦ୍ଧିମତ୍ତା ଯୁଗରେ କେବଳ ଡିଗ୍ରୀ ଅପେକ୍ଷା ବ୍ୟବହାରିକ ଦକ୍ଷତା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଉଠିଛି । ଯେଉଁମାନେ ଏଆଇକୁ ନିଜର ସାଥୀ କରି ସୃଜନଶୀଳତା, ସମସ୍ୟା ସମାଧାନ କ୍ଷମତା, ନେତୃତ୍ୱ ଏବଂ ଜୀବନବ୍ୟାପୀ ଶିକ୍ଷଣ ଉପରେ ଗୁରୁତ୍ୱ ଦେବେ, ସେମାନେ ହିଁ ଏହି ନୂତନ କର୍ମସଂସ୍ଥାନରେ ସଫଳ ହେବେ । ଏହା ଏକ ଆହ୍ୱାନ ସହିତ ଅନେକ ନୂତନ ସୁଯୋଗ ମଧ୍ୟ ଆଣୁଛି । ଛାତ୍ରଛାତ୍ରୀମାନେ ଏବେ କେବଳ ଡିଗ୍ରୀ ହାସଲ ନକରି ବ୍ୟବହାରିକ ଜ୍ଞାନ ବିକଶିତ କରିବା ଜରୁରୀ । ଏହି ପରିବର୍ତ୍ତନକୁ ସକାରାତ୍ମକ ଭାବେ ଗ୍ରହଣ କରି ଆଗକୁ ବଢ଼ିବା ହିଁ ସଫଳତାର ଏକମାତ୍ର ମାଧ୍ୟମ ।

# ନୃଂଶସତା ହେଇଗଲାଣି ଓଡ଼ିଶା

ଟିକେ ଟିକେ କଥାରେ ହତ୍ୟା । ଶୁଣିଲେ ବି ଶରୀରର ଲୋମ ଟାଙ୍କୁରି ଉଠୁଛି । ଓଡ଼ିଶା ହେଉଛି ଏକ ଶାନ୍ତପ୍ରିୟ ରାଜ୍ୟ । କାହିଁକି ଓଡ଼ିଶାର ନୃଂଶସତା ଆଡକୁ ଗତି କଲାଣି ତାହା କହିବା ସମ୍ଭବପର ନୁହେଁ । ଯାହାକି ଆଗାମୀ ଦିନରେ ବଞ୍ଚିବା ପାଇଁ ଏକମାତ୍ର ରାସ୍ତା ହେଉଛି ନୀରବତା । ନୀରବତା ରଖି ମଣିଷ ଯଦି ଆଗକୁ ବଢିବ ତାହାଲେ ହୁଏତ ମୃତ୍ୟୁଦଣ୍ଡ ଭୋଗିବା କମ୍ । ଓଡ଼ିଶାର ଆଇନଶୃଙ୍ଖଳାକୁ ଦେଖିଲେ ଲାଗୁଛି ଆଗାମୀ ଦିନରେ ଶହେଗୁଣ ନୃଂଶସତା ଆଡକୁ ଚାଲିଯିବ । ଯେତେଦିନ ଯାଏ ସରକାର ଏଥିପ୍ରତି ସଜାଗ ନ ରହିବେ ରାଜ୍ୟର ଭୟଙ୍କର ପରିସ୍ଥିତି ଦେଖିବାକୁ ମିଳିବ । ବଢି ଚାଲିଛି ଗୋଟେ ପରେ ଗୋଟେ ବିଭତ୍ସ ଓ ନାରକୀୟ ଘଟଣା । ବିଭତ୍ସ, ବର୍ବୋରଚିତ, ଭୟଙ୍କର, ନିର୍ଦ୍ଦୟ, ନିର୍ମମ, ନୃଂଶସତାର ସବୁ ସୀମାକୁ ପାର କରିଯାଇଛି । ବ୍ରହ୍ମପୁରରୁ ବାଲିଅନ୍ତା-ବାଲିପାଟଣା, ରୟଗଡ଼ାରୁ ଝାରସୁଗୁଡ଼ା, ନୟାଗଡ଼ରୁ ପୁରୀ, ବାଲେଶ୍ୱରରୁ ବାରିପଦା ଭାୟା ଭଦ୍ରକ ସବୁଠି ରକ୍ତର ଛିଟା । ରାଜରାସ୍ତାରେ ବେଧଡ଼କ ରକ୍ତର ହୋଲି ଖେଳୁଛନ୍ତି ଅପରାଧୀ । ପୋଲିସକୁ ଚ୍ୟାଲେଞ୍ଜ ଦେଇ ଅପରାଧୀ ଦିନ ଦ୍ୱିପ୍ରହରରେ ସର୍ବସମ୍ମୁଖରେ ଗୁଳି କରୁଛନ୍ତି, ଖଣ୍ଡାରେ ହାଣୁଛନ୍ତି ଏବଂ ନିରୀହ ଲୋକଙ୍କ ଜୀବନ ନେଉଛନ୍ତି । ସତେଯେମିତି ରାଜ୍ୟରେ ଅପରାଧୀଙ୍କ ଭିତରେ ପୋଲିସ ଓ ଆଇନ କାନୁନ ଉପରୁ ଡର ଛାଡ଼ିଗଲାଣି, ତାହା ଜଳ ଜଳ ହୋଇ ଦିଶୁଛି । କେଉଁଠି ପନିକିରେ ହାଣି ଯୁବକଙ୍କୁ ଲହୁଲୁହାଣ କରାଯାଉଛି ତ କେଉଁଠି ହତ୍ୟା ପରେ ପୋଡ଼ି ଦେଉଛନ୍ତି ମୃତଦେହ । ପ୍ରତିଦିନ ହତ୍ୟା ଓ ଆତଙ୍କରାଜର ଖବର ସାମ୍ନାକୁ ଆସୁଛି । ପୋଲିସର ଦାୟିତ୍ୱହୀନତା ଯୋଗୁଁ ରାଜ୍ୟ ସରକାରଙ୍କ ଅକଲ ଗୁଡୁମ କରିଦେଇଛି । ଖୋଦ ମୁଖ୍ୟମନ୍ତ୍ରୀ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ତର୍ଜମା କରି ପୋଲିସ ଅଧିକାରୀଙ୍କ ଉପରେ ରୋଷ ଝାଡ଼ିଛନ୍ତି । ରାଜ୍ୟରେ ଏବେ ଅପରାଧୀ ବେଲଗାମ୍ । ବାଲିପାଟଣା-ବାଲିଅନ୍ତାଠାରୁ କଣାସ ଓ ରାୟଗଡ଼ାରୁ ନୟାଗଡ଼ ଭାୟା ଝାରସୁଗୁଡ଼ା ଏବଂ ବାରିପଦାରୁ ବାଲେଶ୍ୱର ସବୁଠି ରକ୍ତର ଛିଟା । ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଦିନ ଦିପହରରେ ପୋଲିସର ଆଖି ଆଗରେ ଅନ୍ୟଜଣେ ପୋଲିସ କର୍ମଚାରୀକୁ ପିଟିପିଟି ହତ୍ୟା କରିବା ହେଉ କି କଣାସରେ ମାଛକଟା ପନିକିରେ ହାଣି ହତ୍ୟା କରିବାକୁ ଯାଇ ବୁଲେଟ ଚଢ଼ାଇବା ଭଳି ଲୋମହର୍ଷଣକାରୀ ଘଟଣା ସାରାରାଜ୍ୟରେ ଚାଂଚଲ୍ୟ ଖେଳାଇଦେଇଛି । ନିକଟରେ ବ୍ରହ୍ମପୁରରେ ବ୍ୟବସାୟୀଙ୍କୁ ଅପହରଣ ପରେ ହତ୍ୟା, କଣାସରେ ଦିନ ଦ୍ୱିପହରରେ ପନିକିରେ ହାଣି ବୁଲେଟ ଚଢ଼ାଇବା, ୩ବର୍ଷର ଶିଶୁ ଆଗରେ ଗର୍ଭବତୀ ମହିଳାଙ୍କୁ ଖଣ୍ଡାରେ ହାଣି ହତ୍ୟା ଓ ବାଲିଅନ୍ତାରେ ରେଳବାଇ ପୋଲିସକର୍ମୀ ସୌମ୍ୟରଞ୍ଜନଙ୍କୁ ପୋଲିସ ଉପସ୍ଥିତିରେ ନିର୍ମମଭାବେ ପିଟି ପିଟି ହତ୍ୟା । ବାଲିଅନ୍ତା ହଟଚମଟ ନଥମୁଣୁ ୨୪ଘଣ୍ଟା ମଧ୍ୟରେ ପୁଣି ସେହି ଅଞ୍ଚଳରେ ବର୍ବର କାଣ୍ଡ । ବାଲିପାଟଣାରେ ରାକେଶ ଦାସ ନାମକ ଯୁବକଙ୍କୁ ପିଟିପିଟି ହତ୍ୟା କରିବା ଘଟଣାରେ ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି । ଗୁରୁତ୍ୱପୂର୍ଣ୍ଣ କଥାହେଲା ଏହି ଦୁଇଟି ଘଟଣାରେ ୨ଜଣଙ୍କୁ ମାରଣାନ୍ତକ ମାଡ଼ମାରି ହତ୍ୟା କରାଯିବାର ବର୍ବୋରଚିତ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଏପରି ବିଭତ୍ସ ହତ୍ୟାଘଟଣାକୁ ଅତି ପାଖରୁ ଦେଖୁଥିବା ଦେଖଣାହାରୀଙ୍କ ଭିତରେ ମାନବିକତା ମରିଯାଇଛି ଯେପରି । ନହେଲେ କି ଆଖି ସାମ୍ନାରେ ଘଟୁଥିବା ଏହିଭଳି ବିଭତ୍ସ ଘଟଣା ମୋବାଇଲରେ ରେକର୍ଡ଼ିଂ କରି ଭାଇରାଲ କରୁଛନ୍ତି କିପରି । ଲୋକେ ଆଇନ ଉପର ଆସ୍ଥା ନରଖି ଅପରାଧୀଙ୍କ ସହ ମିଶି ଦିନଦ୍ୱିପରରେ ସର୍ବସମ୍ମୁଖରେ ଏଭଳି ବିଭତ୍ସ ଘଟଣା ଘଟାଇବାକୁ କିପରି ସାହାସ କରୁଛନ୍ତି । ସେପଟେ ବାଲିଅନ୍ତାଠାରୁ ବି ଆହୁରି ବିଭତ୍ସ ହତ୍ୟା ଘଟିଛି ନୟାଗଡ଼ ଜିଲ୍ଲାରେ । ଓଡ଼ଗାଁ ଥାନା କଦଳୀବନ୍ଧ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚୋରା ମାଙ୍କଡ଼ାପଥର ଖଣି ଚାଲିଥିବାବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରି ଆସୁଥିଲେ । ରବିବାର ରାତିରେ କଦଳୀବନ୍ଧ ରାସ୍ତାରେ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବାବେଳେ ଅଜିତ ସାହୁ ଏବଂ ତାଙ୍କର ଦୁଇ ସହଯୋଗୀ ଦେଖି ଅଟକାଇଥିଲେ । ଏହାପରେ ପୋଲିସକୁ ଖବର ଦେଇଥିଲେ । ଏହି ସମୟରେ ଗାଡ଼ିରୁ ୬ ଜଣ ଲୋକ ମାରଣାସ୍ତ୍ର ଧରି ବାହାରିବା ସମୟରେ ଅଜିତଙ୍କର ଦୁଇ ସହଯୋଗୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଅଜିତ ଏକୁଟିଆ ପାଇ ଦୁର୍ବୃର୍ତ୍ତମାନେ ଅଜିତଙ୍କର ପ୍ରଥମେ ବାମ ହାତକୁ ହାଣି ଦେଇଥିଲେ । ଏହା ପରେ ଅଜିତଙ୍କ ଡାହାଣ ହାତ ପାପୁଲିକୁ ହାଣି ଦେଇ ଫେରାର ହୋଇଯାଇଥିଲେ । ଶେଷରେ ଯନ୍ତ୍ରଣାରେ ଛଟପଟ ହୋଇ ଅଜିତଙ୍କର ମୃତ୍ୟୁ ହୋଇଥିଲା । କେବଳ ଏତିକି ନୁହେଁ ୨୪ ଘଣ୍ଟା ଭିତରେ ନୟାଗଡ଼ ଜିଲ୍ଲାର ଓଡ଼ଗାଁ ପରେ ଗଣିଆରେ ବର୍ବରତା । ରାସ୍ତାକଡ଼ରୁ ମିଳିଥିଲା ଦରପୋଡ଼ା ମୃତଦେହ । ନୟାଗଡ଼ ଜିଲ୍ଲା ଗଣିଆ ଥାନା ବାଲିସାହି ଗାଁ ନିକଟ ରାସ୍ତାକଡ଼ରେ ଅଜଣା ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିଲା ।







# OSCB ପରିଦର୍ଶନ କଲେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ

- ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସରକାରଙ୍କ ଗୁରୁତ୍ୱ
- ପରିଚାଳନା ନିର୍ଦ୍ଦେଶକଙ୍କ ଅନୁପସ୍ଥିତିକୁ ନେଇ ବଢ଼ିଲା ଚର୍ଚ୍ଚା, ସମବାୟ ମହଲରେ ନାନା ପ୍ରଶ୍ନ

ଭୁବନେଶ୍ୱର:ଓଡ଼ିଶାର ସମବାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ସ୍ୱଚ୍ଛ ଏବଂ ଲୋକମୁଖୀ କରିବା ପାଇଁ ରାଜ୍ୟ ସରକାର ନିରନ୍ତର ପଦକ୍ଷେପ ନେଉଥିବା ବେଳେ ଚାଷୀ ଏବଂ ସାଧାରଣ ଜନତାଙ୍କୁ ଉନ୍ନତ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବାକୁ ସରକାର ପ୍ରାଥମିକତା ଦେଇଛନ୍ତି ବୋଲି ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ (**OSCB**) ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ସାମନ୍ତ ବ୍ୟାଙ୍କର ଚାଲୁଥିବା ବିଭିନ୍ନ ଯୋଜନା, ଋଣ ପ୍ରଦାନ ବ୍ୟବସ୍ଥା, ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସେବା, କୃଷକମାନଙ୍କ ପାଇଁ ଚାଲୁଥିବା ଆର୍ଥିକ ସହାୟତା କାର୍ଯ୍ୟକ୍ରମ ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ରାଜ୍ୟ ସମବାୟର ବିଭିନ୍ନ ଆପେକ୍ସ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଦୀର୍ଘ ସମୟ ଧରି ମନ୍ତ୍ରୀ ଆଲୋଚନା କରିଥିବା ବେଳେ ସମବାୟ କ୍ଷେତ୍ରରେ ନୂତନ ପ୍ରଯୁକ୍ତିର ବ୍ୟବହାର, ସେବାର ସ୍ୱଚ୍ଛତା ଏବଂ ଗ୍ରାମୀଣ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସୁବିଧାକୁ ଆହୁରି ଶକ୍ତିଶାଳୀ କରିବା ଉପରେ ଜୋର ଦିଆଯାଇଥିଲା। ତେବେ ଏହି ସମୀକ୍ଷା ବୈଠକରେ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା ହୋଇଥାନ୍ତା ହେଲେ କାର୍ଯ୍ୟକ୍ଷେତ୍ରର ବାସ୍ତବ ସମସ୍ୟା ଓ ଚ୍ୟାଲେଞ୍ଜ ବିଷୟରେ ଅଧିକ ସ୍ପଷ୍ଟ ଧାରଣା ମିଳି ପାରୁଥାନ୍ତା ବୋଲି କିଛି ମହଲ ରେ ମତ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାର ସମବାୟ ବ୍ୟବସ୍ଥା ଗ୍ରାମୀଣ ଅର୍ଥନୀତିର ମୂଳ ଆଧାର ଭାବେ ପରିଗଣିତ ହୋଇଆସୁଛି। ବିଶେଷ କରି ପ୍ରାଥମିକ କୃଷି ସମବାୟ ସମିତି (**PACS**), ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏବଂ **OSCB** ରାଜ୍ୟର କୃଷି ଋଣ ବ୍ୟବସ୍ଥାକୁ ସଚଳ ରଖିବାରେ ମୁଖ୍ୟ ଭୂମିକା ନିଭାଇ ଆସୁଛି। ଚାଷୀମାନଙ୍କୁ ସହଜ ସୁଦରେ ଋଣ ପ୍ରଦାନ, ଧାନ କ୍ରୟ ପ୍ରକ୍ରିୟାରେ ଆର୍ଥିକ ସହଯୋଗ ଏବଂ ଗ୍ରାମୀଣ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବାରେ ଡଂଉଇ ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀଙ୍କ **OSCB** ପରିଦର୍ଶନକୁ ସମବାୟ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଥିଲା। କିନ୍ତୁ ଏହି ସମୟରେ





ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକଙ୍କ ଅନୁପସ୍ଥିତି ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ବର୍ତ୍ତମାନ ସମବାୟ ନିବନ୍ଧକ, ଓଡ଼ିଶା ଶ୍ରୀ ମନୀଷ ଅଗ୍ରୱାଲ, **IAS**, **OSCB** ର ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ସତ୍ତ୍ୱେ ତାଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଅନୁପସ୍ଥିତ ରହିବାକୁ ନେଇ ସମବାୟ ମହଲରେ ଚର୍ଚ୍ଚା ଜୋର ଧରିଛି।ସମବାୟ କ୍ଷେତ୍ର ସହ ସଂପୃକ୍ତ ବହୁ ଅଧିକାରୀ ଏବଂ କର୍ମଚାରୀ ମଧ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରୁଥିବା ଚର୍ଚ୍ଚା ହେଉଛି। ଏକ ପକ୍ଷରେ ସରକାର ସମବାୟ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦେଉଥିବା ବେଳେ, ଅନ୍ୟପକ୍ଷରେ ଏପରି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ପରିଚାଳନା ନିର୍ଦ୍ଦେଶକଙ୍କ ଅନୁପସ୍ଥିତିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। କେହି କେହି ଏହାକୁ ପ୍ରଶାସନିକ ଅବହେଳା ବୋଲି କହୁଥିବା ବେଳେ, ଆଉ କେହି କହୁଛନ୍ତି ଯେ ଏହା ସମବାୟ ବ୍ୟବସ୍ଥାର ଭିତରୁ ଚାଲିଥିବା ଅସମନ୍ୱୟର ଚିତ୍ରକୁ ସ୍ପଷ୍ଟ କରୁଛି।ସମବାୟ କ୍ଷେତ୍ରରେ ଡିଜିଟାଲାଇଜେସନ୍ ଏବେ ସରକାରଙ୍କ ମୁଖ୍ୟ ଆଜେଣ୍ଡା ହୋଇଥିବା ବେଳେ ଚଇଉଝ ଗୁଡ଼ିକୁ କମ୍ପ୍ୟୁଟରାଇଜେସନ୍, ଅନଲାଇନ୍ ବ୍ୟାଙ୍କିଙ୍ଗ୍ ସୁବିଧା, କୃଷକ ତଥ୍ୟର ଡିଜିଟାଲ୍ ରେକର୍ଡ ଏବଂ ଋଣ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ନେଇ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ କାମ କରୁଛନ୍ତି। **OSCB** ଏହି ପ୍ରକ୍ରିୟାର ମୁଖ୍ୟ ସଂସ୍ଥା ହେବାରୁ ଏହାର କାର୍ଯ୍ୟପ୍ରଣାଳୀ ଏବଂ ନେତୃତ୍ୱ ଉପରେ ସମସ୍ତଙ୍କ ନଜର ରହିଥାଏ। ମନ୍ତ୍ରୀ ଶ୍ରୀ ସାମନ୍ତ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସମବାୟ ବ୍ୟବସ୍ଥା ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ଚାଷୀଙ୍କ ଆୟ ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ। ସମବାୟ କ୍ଷେତ୍ରକୁ ଆଧୁନିକ କରିବା, ଯୁବପିଢ଼ୀଙ୍କୁ ସମବାୟ ଆନ୍ଦୋଳନ ସହ ଯୋଡ଼ିବା ଏବଂ ଗ୍ରାମାଞ୍ଚଳରେ ଆର୍ଥିକ ସଚେତନତା ବଢ଼ାଇବା ପାଇଁ ସରକାର ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରୁଛନ୍ତି। ସେ ଆହୁରି କହିଥିଲେ ଯେ, ସମବାୟ କେବଳ ଏକ ଆର୍ଥିକ ବ୍ୟବସ୍ଥା ନୁହେଁ, ଏହା ଗ୍ରାମୀଣ ସମାଜର ଆର୍ଥିକ ମେରୁଦଣ୍ଡ। ଏହି ବ୍ୟବସ୍ଥାକୁ ଅଧିକ ଦାୟିତ୍ୱଶୀଳ, ଲୋକମୁଖୀ ଓ ପାରଦର୍ଶୀ କରିବା ପାଇଁ ସରକାର ସମସ୍ତ ପ୍ରୟାସ ଜାରି ରଖିବେ।ଏହି ପରିଦର୍ଶନ ପରେ ସମବାୟ ମହଲରେ **OSCB**ର କାର୍ଯ୍ୟପ୍ରଣାଳୀ, ପ୍ରଶାସନିକ ସମନ୍ୱୟ ଏବଂ ନେତୃତ୍ୱ ନେଇ ନୂଆ କରି ଚର୍ଚ୍ଚା ଆରମ୍ଭ ହୋଇଛି। ବିଶେଷ କରି ପରିଚାଳନା ନିର୍ଦ୍ଦେଶକଙ୍କ ଅନୁପସ୍ଥିତି ଘଟଣା ଏବେ ସମବାୟ କ୍ଷେତ୍ରରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି।

## ବରଗଡ଼ ଜିଲ୍ଲାରେ ରବି ଧାନ କିଣା ଆରମ୍ଭ

ଭୁବନେଶ୍ୱର: ରାଜ୍ୟରେ ରବି ଋତୁରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ସୋମବାର ବରଗଡ଼ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଛି। ୧୫ ତାରିଖରୁ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନକିଣା ହେବ। ସେହିଭଳି ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟକ ମୂଲ୍ୟଏବଂ ଇନ୍‌ପୁଟ ସବ୍‌ସିଡ଼ି ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବରଗଡ଼ରେ ସରକାରୀସ୍ତରରେ ଧାନ ବିକ୍ରୟ ପାଇଁ ପ୍ରାୟ ଏକ ଲକ୍ଷ ୫ ହଜାର ଚାଷୀ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୯୬ ହଜାର ୩୭୭ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ସେହିପରି ଆସନ୍ତା ୧୫ ତାରିଖରେ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନ ସଂଗ୍ରହ କରାଯିବ। ଚଳିତ ରବି ଋତୁରେ ବାଲେଶ୍ୱର ଜିଲ୍ଲାରେ ୩୮, ୧୧୩ ଚାଷୀ ପଞ୍ଜୀକରଣ କରିଥିବା ବେଳେକଟକ ଜିଲ୍ଲାରେ ୩୫୧୮ ଜଣ, ପୁରୀରେ ୨୨,୨୩୬ ଜଣ ଓ ସମ୍ବଲପୁର ଜିଲ୍ଲାରେ ୧୯,୧୧୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଏହି ସବୁ ଜିଲ୍ଲାର ଚାଷୀ ମାନଙ୍କୁ ଯାଞ୍ଚ ପ୍ରକ୍ରିୟା ପରେ ଆଜି ଟୋକନ ପ୍ରଦାନ କରାଯିବ । ସମବାୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାରେ, ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ସୁବିଧ । ପାଇଁ ଆବଶ୍ୟକୀୟ ନୋଡାଲ ଅଧିକାରୀ ଏବଂ ସୁପରଭାଇଜର ନିଯୁକ୍ତ କରାଯାଇଛି। ସବୁ ମଣ୍ଡିରେ ଚାଷୀମାନେ ଧାନ ବିକ୍ରୟ କରି ଯେପରି ଏକ ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରତ୍ୟେକ ମଣ୍ଡିରେ ଖରାରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ସେଡ୍, ପାନୀୟ ଜଳ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବାବେଳେ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସିସିଟିଭିର ବ୍ୟବସ୍ଥା କରାଯାଇଛି । ସେହିଭଳି ଅଦିନିଆ ବର୍ଷା ଓ ଖରାକୁ ଦୃଷ୍ଟିରେ ରଖି ଧାନର ସୁରକ୍ଷା ପାଇଁ ଆବଶ୍ୟକୀୟ ପଲିଥିନ୍‌ର ବ୍ୟବସ୍ଥା କରାଯାଇଛି । କୌଣସି ଯୋଗ୍ୟ ଚାଷୀ ଯେପରି ଧାନସଂଗ୍ରହ ପ୍ରକ୍ରିୟାରୁ ବାଦ ନ ପଡ଼ନ୍ତି ସେଥି ପ୍ରତି ମଧ ଯଥେଷ୍ଟ ଧ୍ୟାନ ରଖାଯାଉଛି । ଧାନକିଣା ପ୍ରକ୍ରିୟା ଦାୟିତ୍ୱରେ ଥିବା ଅଧିକାରୀମାନେ କର୍ତ୍ତବ୍ୟରେ ଅବହେଳା କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି ।

## ନୂଆଦିଲ୍ଲୀ କର୍ତ୍ତବ୍ୟ ଭବନରେ ବିଜେଇମ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ଉପସ୍ଥାପନ




ନୂଆଦିଲ୍ଲୀ : କର୍ତ୍ତବ୍ୟ ଭବନ ଠାରେ ବିଜେଇମ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ସ୍କୁଲ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନେଇ ସଂଘ ର ସଭାପତି ଶ୍ରୀ ରଂଜନ କୁମାର ଦାସ ଶିକ୍ଷା ମନ୍ତ୍ରାଳୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅଭିଭାବକ ସଂଘ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ପାଠପଢ଼ାର ପରିବେଶ, ପ୍ରଶାସନିକ ବ୍ୟବସ୍ଥା, ଅଭିଭାବକମାନଙ୍କ ଅ ଭିଯୋଗର ସଠିକ୍ ସମାଧାନ ଓ ସ୍କୁଲ ପରିଚାଳନାରେ ସ୍ୱଚ୍ଛତା ରକ୍ଷା ସମ୍ପର୍କିତ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା।ସଂଘ ର ସଭାପତି ଶିକ୍ଷା ମନ୍ତ୍ରାଳୟର ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ ଯେ, ଅଭିଭାବକମାନଙ୍କ ଯୁକ୍ତିସଙ୍ଗତ ଦାବିଗୁଡ଼ିକୁ ଗୁରୁତ୍ୱ ସହ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯାଉ। ବିଜେଇମ ସ୍କୁଲ ର ପରିଚାଳନା କମିଟି କୁ ମଣ୍ଡାଟୋରୀ ଡିସ କ୍ଲୋଜର ରେ ଭୁଲ ତଥ୍ୟ **CBSE** କୁ ଦେଇ ଥିବାରୁ ତୁରନ୍ତ **CBSE** ପକ୍ଷରୁ **FIR** କରିବା ପାଇଁ ଦାବି ହୋଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର **OSD** ଶ୍ରୀ ଦୀପକ କୁମାର ଦାସ **CBSE** ଉଚ୍ଚ କର୍ତ୍ତୃପକ୍ଷ ଙ୍କ ସହ ଆଲୋଚନା କରି ଦୃଷ୍ଟାନ୍ତ ମୂଳକ ପଦ କ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇ ଥିବା ଜଣା ପଡ଼ିଛି । ସ୍କୁଲ ଅଭିଭାବକ ସଂଘ ପକ୍ଷରୁ କୁହାଯାଇଛି ଯେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଶିକ୍ଷାର ଉନ୍ନତିକୁ ସର୍ବାଧିକ ପ୍ରାଥମିକତା ଦେଇ ଆମେ ଦାବି ଗୁଡ଼ିକୁ ଉପସ୍ଥାପିତ କରିଛୁ । ଆଗାମୀ ଦିନରେ ଦୀର୍ଘର ବର୍ଷ ସ୍କୁଲ କୁ ନିଜ ପରିବାର ସମ୍ପତି ଭାବୁଥିବା ବ୍ୟକ୍ତି ବିଶେଷ ଙ୍କ ବିରୁଦ୍ଧରେ ଲଢେଇ ଜାରି ରହିବ ବୋଲି ସଭାପତି ଶ୍ରୀ ରଂଜନ କୁମାର ଦାସ ଏକ ପ୍ରେସ ବିବୃତିରେ କହିଛନ୍ତି ।

**ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା**

## ଓଡିଶାର ବେସରକାରୀ ସ୍କୁଲ ବ୍ୟବସ୍ଥାରେ ସୁଧାର ନେଇ ରାଜ୍ୟସଭାରେ ଉଠିପାରେ ପ୍ରସଙ୍ଗ

ନୂଆଦିଲ୍ଲୀ: ନୂଆଦିଲ୍ଲୀ ଠାରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟଙ୍କ ସହ ଓଡିଶାର ବେସରକାରୀ ସ୍କୁଲ ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ଆଗାମୀ ଦିନରେ ଏହାର ରୂପରେଖାରେ ପରିବର୍ତ୍ତନ ଆଣିବା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଛି। ଆଲୋଚନା ସମୟରେ ବେସରକାରୀ ସ୍କୁଲମାନଙ୍କର ଫିସ୍ ନିୟନ୍ତ୍ରଣ, ଶିକ୍ଷାର ଗୁଣବତ୍ତା, ଅଭିଭାବକଙ୍କ ଉପରେ ବୃଦ୍ଧିଶୀଳ ଆର୍ଥିକ ଭାର, ସରକାରୀ ନିୟମାବଳୀର କଡାକଡି ପ୍ରୟୋଗ ଏବଂ ଶିକ୍ଷା କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ନେଇ ବିସ୍ତୃତ ଚର୍ଚ୍ଚା ହୋଇଥିଲା।ରାଜ୍ୟସଭା ସାଂସଦ ଶ୍ରୀ ଦିଲ୍ଲୀପ ରାୟ ଓଡିଶାର ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଏହି ପ୍ରସଙ୍ଗକୁ ଆଗାମୀ ଦିନରେ ରାଜ୍ୟସଭାରେ ଉପସ୍ଥାପନ କରିବା ପାଇଁ ସକାରାତ୍ମକ ମନୋଭାବ ପ୍ରକାଶ କରିଥିବା ସୂଚନା ମିଳିଛି। ଏହି ଆଲୋଚନା ମାଧ୍ୟମରେ ଓଡିଶାର ଶିକ୍ଷା ବ୍ୟବସ୍ଥାକୁ ଅଧିକ ଜବାବଦେହୀ, ଛାତ୍ରମୁଖୀ ଏବଂ ସୁସଂଘଟିତ କରିବା ନେଇ ଏକ ସକାରାତ୍ମକ ପଦକ୍ଷେପ ନିଆଯାଇଥିବା ମତ ପ୍ରକାଶ ପାଇଛି।








# ଥାଲାସେମିଆକୁ ରୋକିବ ସଚେତନତା


ପୃଥିବୀର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତରେ ଥାଲାସେମିଆ ପୀଡ଼ିତଙ୍କ ସଂଖ୍ୟା ଅଧିକ। ଆକଳନରୁ ଜଣାପଡ଼ିଛି ଯେ, ଆମ ଦେଶରେ ବିଶ୍ୱର ୨୫ ପ୍ରତିଶତ ଥାଲାସେମିଆ ରୋଗୀ ଅଛନ୍ତି ଓ ଏଥିରୁ ପ୍ରାୟ ୫ କୋଟି ଲୋକ ବିଟା ଥାଲାସେମିଆରେ ଆକ୍ରାନ୍ତ। ସେହିପରି ପ୍ରତିବର୍ଷ ଏଠାରେ ୧୦ରୁ ୧୫ ହଜାର ନୂଆ ଥାଲାସେମିଆ ରୋଗୀ ଚିହ୍ନଟ ହେଉଛନ୍ତି। ବିଶେଷକରି ପଞ୍ଜାବ ଓ ଗୁଜରାଟ ଭଳି ରାଜ୍ୟରେ ଅଧିକ ଥାଲାସେମିଆ ପୀଡ଼ିତ ବାହାରୁଛନ୍ତି।

ଥାଲାସେମିଆ ମେର୍ଜ ରୋଗରେ ପୀଡ଼ିତମାନଙ୍କୁ ଆଜୀବନ ପ୍ରତି ୧୫ରୁ ୨୦ ଦିନ ମଧ୍ୟରେ ରକ୍ତ ପରିବର୍ତ୍ତନ ଓ ଆଇରନ୍ କିଲେସନ୍ ଚିକିତ୍ସା କରାଇବାକୁ ପଡ଼ିଥାଏ। ଏଥିପାଇଁ ବର୍ଷକୁ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଥାଲାସେମିଆରୁ ଆରୋଗ୍ୟ ହେବାର ଏକମାତ୍ର ଉପାୟ ହେଉଛି ଅସ୍ଥିମଜ୍ଜା ପ୍ରତିରୋପଣ। ଏହା ଅତ୍ୟନ୍ତ ବ୍ୟୟବହୁଳ ଏବଂ ଦାତାଙ୍କ ଅସ୍ଥିମଜ୍ଜା, ଗ୍ରହୀତାଙ୍କ ଅସ୍ଥିମଜ୍ଜା ସହ ମେଳ ଖାଇବା ମଧ୍ୟ ଜରୁରି। ଥାଲାସେମିଆ ଭଳି ରକ୍ତ ବିକୃତି ଉପଶମ ଲାଗି କେନ୍ଦ୍ର ସରକାର 'ନ୍ୟାସ୍‌ନାଲ୍ ପ୍ରୋଗ୍ରାମ୍ ର୍ଫ କଣ୍ଟ୍ରୋଲ୍ ଅଫ୍ ବ୍ଲଡ୍ ଡିଜ୍‌ଅଡର୍ସ' ଗଠନ କରିଛନ୍ତି। ଏହା ଜନ ସଚେତନତା କାର୍ଯ୍ୟକ୍ରମ, ନିଦାନ ଓ ରକ୍ତ ପରିବର୍ତ୍ତନ ସେବା ପ୍ରଦାନ କରେ। ହେଲେ ଏହା ସମୁଦ୍ରକୁ ଶଙ୍ଖେ ଭଳି। ଏହାଛଡ଼ା, ଗୁଜରାଟ ଭଳି କେତେକ ରାଜ୍ୟ ମଧ୍ୟ ରାଜ୍ୟସ୍ତରୀୟ ଥାଲାସେମିଆ ସ୍କ୍ରିନିଂ କରୁଛନ୍ତି।


ଦେଶରେ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା, ଜିନ୍ ଓ ଷ୍ଟେମ୍‌ସେଲ୍ ଥେରାପି ସହ ସରକାରୀ ପ୍ରୋତ୍ସାହନ ହିଁ ଥାଲାସେମିଆ ବୋଝ କିଛିଟା କମାଇପାରେ। ଭାରତୀୟ ଗବେଷକମାନେ ଥାଲାସେମିଆ ଉପରେ ଗବେଷଣା ଜାରି ରଖିଛନ୍ତି। ଜେନେଟିକ୍ ସ୍କ୍ରିନିଂ ପଦ୍ଧତି ଓ ଥାଲାସେମିଆ ବାହକ ଚିହ୍ନଟ କରିବାରେ ଏହା କିଭଳି ଫଳପ୍ରଦ ହେଉଛି, ତା' ଉପରେ ମଧ୍ୟ ସେମାନେ ପରୀକ୍ଷା ଚଳାଇଛନ୍ତି। ସେହିପରି କେତେକ ସ୍ଥାନରେ ଥାଲାସେମିଆ ଆକ୍ରାନ୍ତ ପିଲାଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଉଛି। ଥାଲାସେମିଆ ପାଇଁ ଦାୟୀ ପରିବର୍ତ୍ତିତ ଗୁଣସୂତ୍ର ସଂଶୋଧନ ଲାଗି ସିଆର୍ଆଇଏସ୍‌ପିଆର୍/କ୍ୟାସ୍୯ ଭଳି ଜିନ୍-ଏଡିଟିଂ କୌଶଳ ଉପରେ ଏବେ ବିଶ୍ୱବ୍ୟାପୀ ଧ୍ୟାନ ଦିଆଯାଉଛି। ଏହି କ୍ରମରେ ଭାରତୀୟ ବୈଜ୍ଞାନିକମାନେ ଥାଲାସେମିଆ ନିରାକରଣ ପାଇଁ ଜିନ୍ ଥେରାପି ଉପରେ ଗବେଷଣା କରୁଛନ୍ତି। ସେହିପରି ଷ୍ଟେମ୍ ସେଲ୍ ପ୍ରତିରୋପଣ ଓ ରକ୍ତ ପରିବର୍ତ୍ତନ ଅବଧି ବୃଦ୍ଧି କରିବାକୁ ନୂଆ ଔଷଧ ପ୍ରସ୍ତୁତି ଦିଗରେ ବୈଜ୍ଞାନିକମାନେ ପରୀକ୍ଷା ନିରୀକ୍ଷା କରୁଛନ୍ତି। ଥାଲାସେମିଆ ନିରାକରଣ ପାଇଁ କେତେକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ବିଶେଷଜ୍ଞମାନେ ଜୋର ଦିଅନ୍ତି।

ସେସବୁ ହେଉଛି- ଅନ୍ତଃସତ୍ତ୍ୱା ହେବାର ତିନି ମାସ ମଧ୍ୟରେ ମହିଳାମାନଙ୍କର ଏଚ୍‌ବିଏ୨ ପରୀକ୍ଷା ବାଧ୍ୟତାମୂଳକ କରିବା ଓ ସରକାରଙ୍କ ପକ୍ଷରୁ ଆଣ୍ଟିନାଟାଲ୍ ସ୍କ୍ରିନିଂ ପାଇଁ ସମସ୍ତ ଡାକ୍ତରଖାନାକୁ ନିର୍ଦ୍ଦେଶ ଦେବା।







ସେହିପରି ଥାଲାସେମିଆ ସୃଷ୍ଟିକାରୀ ଜିନ୍ ବା ଏହାର ବାହକ ଚିହ୍ନଟ ପାଇଁ ସ୍କୁଲ୍‌ରେ ଓ ସାହି/ବସ୍ତିରେ ସ୍କ୍ରିନିଂ କାର୍ଯ୍ୟକ୍ରମ ଆବଶ୍ୟକ। ତା'ଛଡ଼ା ଥାଲାସେମିଆ ବାହକ ପୁଅଝିଅଙ୍କ ମଧ୍ୟରେ ବିବାହ ସଂଖ୍ୟା ହ୍ରାସ ଲାଗି ଜେନେଟିକ୍ କାଉନ୍‌ସେଲିଂ ଜରୁରି। ଦେଶରୁ ଥାଲାସେମିଆ ମୂଳପୋଛ କରିବାକୁ ସବୁ ଦିଗରୁ ମିଳିତ ପ୍ରଚେଷ୍ଟା ଦରକାର। ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା, ଜିନ୍ ଓ ଷ୍ଟେମ୍‌ସେଲ୍ ଥେରାପି ସହ ସରକାରୀ ପ୍ରୋତ୍ସାହନ ହିଁ ଥାଲାସେମିଆ ବୋଝ କିଛିଟା କମାଇପାରେ। ଲୋକେ ସଚେତନ ହେଲେ ବିଶ୍ୱରୁ ଥାଲାସେମିଆ ନିଶ୍ଚିହ୍ନ କରାଯାଇ ପାରିବ। ପ୍ରଥମ ଥାଲାସେମିଆ ମୁକ୍ତ ଦେଶ ଭାବେ ସାଇପ୍ରସ୍ ଓ ଅନ୍ୟ କେତେକ ଦେଶ ଏକଥା ପ୍ରମାଣିତ କରିସାରିଛନ୍ତି।



## ଯୁବପିଢ଼ିଙ୍କ ମଧ୍ୟରେ ବଢ଼ୁଥିବା
# ହୃଦ୍‌ରୋଗର ଆଶଙ୍କା

ଭାରତରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସାମ୍ପ୍ରତିକ ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ହେବାରେ ଲାଗିଛି। ଜାତୀୟ ପରିସଂଖ୍ୟାନ ସଂଗଠନର ସଦ୍ୟତମ ସର୍ଭେ ଅନୁଯାୟୀ, ହୃଦ୍‌ରୋଗ ଏବେ କେବଳ ବୃଦ୍ଧବୃଦ୍ଧାଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଦ୍ରୁତ ଗତିରେ ଯୁବପିଢ଼ିଙ୍କୁ ମଧ୍ୟ ନିଜ କବଳକୁ ନେଉଛି। ବିଗତ ସାତ ବର୍ଷ ମଧ୍ୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ପ୍ରାୟ ତିନି ଗୁଣ ବୃଦ୍ଧି ପାଇବା ଏକ ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ଆଡ଼କୁ ଇସାରା କରୁଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି ୧୫ ରୁ ୨୯ ବର୍ଷ ବୟସର ଯୁବକମାନେ ମଧ୍ୟ ଏହି ରୋଗ ଦ୍ୱାରା ପ୍ରଭାବିତ ହେଉଛନ୍ତି, ଯେଉଁମାନେ ପୂର୍ବରୁ ଅପେକ୍ଷାକୃତ ସୁରକ୍ଷିତ ବୋଲି ବିବେଚନା କରାଯାଉଥିଲେ।

ଏହି ପରିବର୍ତ୍ତନ କେବଳ ଚିକିତ୍ସା ପରିସଂଖ୍ୟାନରେ ସୀମିତ ନୁହେଁ, ବରଂ ଏହା ଆମ ସମାଜର ପରିବର୍ତ୍ତିତ ଜୀବନଶୈଳୀର ଏକ ପ୍ରତ୍ୟକ୍ଷ ପରିଣାମ। ଆଜିର ଯୁବପିଢ଼ି ପୂର୍ବ ଅପେକ୍ଷା ଅଧିକ ମାନସିକ ଚାପଗ୍ରସ୍ତ ରହୁଛନ୍ତି। ପାଠପଢ଼ାର ଚାପ, କ୍ୟାରିୟରର ଅନିଶ୍ଚିତତା, ଡିଜିଟାଲ ଜୀବନଶୈଳୀ ଏବଂ ଶାରୀରିକ ପରିଶ୍ରମର ଅଭାବ ଶରୀରକୁ ଦୁର୍ବଳ କରିଦେଇଛି। ଏହା ସହିତ ଜଙ୍କ୍ ଫୁଡ୍‌ର ବଢ଼ୁଥିବା ପ୍ରଚଳନ, ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗ୍ରତ ରହିବା ଏବଂ ପର୍ଯ୍ୟାପ୍ତ ନିଦ୍ରାର ଅଭାବ ହୃଦ୍‌ରୋଗର ବିପଦକୁ ଆହୁରି ବଢ଼ାଇ ଦେଉଛି। ସହରାଞ୍ଚଳରେ ଏହି ସମସ୍ୟା ଅଧିକ ଉତ୍କଟ ଦେଖାଯାଉଛି, ଯେଉଁଠାରେ ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଲୋକେ ନିଜ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇପାରୁନାହାଁନ୍ତି। ଦୀର୍ଘ ସମୟ ବସି ରହି କାମ କରିବା ଏବଂ ପ୍ରଦୂଷଣ ମଧ୍ୟ ଏଥିପାଇଁ ଦାୟୀ। ହୃଦ୍‌ରୋଗର ଚିକିତ୍ସା ଅନ୍ୟ ରୋଗ ତୁଳନାରେ ବହୁତ ମହଙ୍ଗା। ସହରରେ ଏହାର ଖର୍ଚ୍ଚ ଏତେ ଅଧିକ ଯେ ଜଣେ ସାଧାରଣ ବ୍ୟକ୍ତିଙ୍କ ପାଇଁ ଏହା ବହନ କରିବା କଷ୍ଟକର ହୋଇପଡୁଛି। କେବଳ ଚିକିତ୍ସା ଉପରେ ନିର୍ଭର ନକରି ଏହି ରୋଗକୁ ରୋକିବା ପାଇଁ ସଠିକ୍ ପଦକ୍ଷେପ ନେବା ଜରୁରୀ। ଆଜିର ମଣିଷ ପ୍ରାକୃତିକ ଜୀବନଠାରୁ ଦୂରେଇ ଯାଉଛି। କ୍ଷେତରେ କାମ କରିବା କିମ୍ବା ପାଦରେ ଚାଲିବା ବଦଳରେ ସମସ୍ତ କାର୍ଯ୍ୟ ଯନ୍ତ୍ର ଏବଂ କମ୍ପ୍ୟୁଟର ଜରିଆରେ ହେଉଛି। ଏହାଦ୍ୱାରା ଶାରୀରିକ ସକ୍ରିୟତା କମିବା ସହ ମେଦବହୁଳତା ବୃଦ୍ଧି ପାଉଛି, ଯାହା ହୃଦ୍‌ରୋଗର ମୁଖ୍ୟ କାରଣ। ମାନସିକ ଚାପ ଯୋଗୁଁ ରକ୍ତଚାପ ବଢୁଛି ଏବଂ ଧୂମପାନ ତଥା ମଦ୍ୟପାନ ପରି ଖରାପ ଅଭ୍ୟାସ ପରିସ୍ଥିତିକୁ ଆହୁରି ବିଗାଡ଼ି ଦେଉଛି। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ସଚେତନତା ଏବଂ ଜୀବନଶୈଳୀରେ ସଂସ୍କାର ଅତ୍ୟନ୍ତ ଆବଶ୍ୟକ। ନିୟମିତ ବ୍ୟାୟାମକୁ ଜୀବନର ଅଂଶବିଶେଷ କରିବା ଉଚିତ। ଦୈନିକ ଅତିକମରେ ୩୦ ମିନିଟ୍ ଶୀଘ୍ର ଚାଲିବା, ଦୌଡ଼ିବା କିମ୍ବା ଯୋଗ କରିବା ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।









# ମନ୍ଥରଗତିରେ ଚାଲିଛି କିଷାନ କ୍ରେଡିଟ୍ କାର୍ଡ ବିତରଣ

ନବରଙ୍ଗପୁର: ନବରଂଗପୁର ଜିଲ୍ଲାରେ କିଷାନ କ୍ରେଡିଟ୍ କାର୍ଡ (କେସିସି) ବିତରଣରେ ମନ୍ଥରତା ପରିଲକ୍ଷିତ ହୋଇଛି। ଫଳରେ ଜିଲ୍ଲାର ଧାନ, ମକା, ଆଖୁ ସହ ପଶୁପାଳନ ଓ ମତ୍ସ୍ୟ ଚାଷୀଙ୍କୁ କୃଷି ଋଣରେ ମିଳୁଥିବା ସବ୍‌ସିଡି ପାଇବାରୁ ଲ୍ୟାମ୍ପ ଗୁଡ଼ିକ ବଞ୍ଚିତ କରୁଛନ୍ତି। ଜିଲ୍ଲାରେ ୧୩ଟି ଲ୍ୟାମ୍ପସ୍ ଜରିଆରେ ଜିଲ୍ଲାରେ ଥିବା ୧ଲକ୍ଷ ୫୬ହଜାର କୃଷକ ପରିବାରରୁ ୧ଲକ୍ଷ ୬୫ହଜାର ୨୩୫ଜଣ ସଭ୍ୟ ଓ ସଭ୍ୟା ଭାବେ ପଂଜୀକୃତ କରାଯାଇଛି। ଏଥିରୁ ୯୯ହଜାର ୪୪୪ଜଣ ସଭ୍ୟ/ସଭ୍ୟାଙ୍କୁ କିଷାନ କ୍ରେଡିଟ୍ କାର୍ଡ ୬୦.୧୦ପ୍ରତିଶତ ବିତରଣ କରାଯାଇଛି। ୬୫ହଜାର ୭୯୧ଜଣ ଏହି କାର୍ଡ ସହ ସୁଧ ପାଇବାରୁ ବଂଚିତ ରହିଛନ୍ତି। ଆବେଦନ ପାଇବାର ୧୪ ଦିନ ଭିତରେ ଯୋଗ୍ୟ ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ(କେସିସି) ପ୍ରଦାନ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାଙ୍କ ଓ ସମବାୟ ବ୍ୟାଙ୍କ, ଲ୍ୟାମ୍ପ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାହା ଏଠାରେ କାର୍ଯ୍ୟକାରୀ ହୋଇ ପାରିନି। ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଗତବର୍ଷ ମଧ୍ୟ ୯୭ହଜାର ୩୩୫ଜଣଙ୍କୁ କାର୍ଡ ବିତରଣ ହୋଇଥିବା ବେଳେ ୬୦ହଜାର ୦୬୮ଜଣ କାର୍ଡ ପାଇବାରୁ ବଂଚିତ ହୋଇଥିଲେ। ଜିଲ୍ଲାର ୧୩ଟି ଲ୍ୟାମ୍ପସ କେସିସି ବିତରଣରେ ମନ୍ଥରତା ଦେଖିବାକୁ ମିଳିଛି। ସର୍ବାଧିକ ମଇଦଲପୁର ଲ୍ୟାମ୍ପସ୍ ପକ୍ଷରୁ ୮୮୦୭ଜଣ ୮୫.୮୬ପ୍ରତିଶତ ଚାଷୀଙ୍କୁ ବିତରଣ କରାଯାଇଛି। ସର୍ବନିମ୍ନ




ପାପାଡାହାଣ୍ଡି ଲ୍ୟାମ୍ପସରୁ ୬୦୩୮ଜଣ ୪୩.୦୫ପ୍ରତିଶତ ବିତରଣ ହୋଇଛି। ନବରଙ୍ଗପୁର ଲ୍ୟାମ୍ପସ ୭୦୬୧, ନନ୍ଦାହାଣ୍ଡି ଲ୍ୟମ୍ପସ ୮୨୯୧, ତେନ୍ତୁଳିଖୁଣ୍ଟି ୩୪୫୬, ଅଂଚଳଗୁମ୍ମା ୪୨୨୯, କୋଡିଙ୍ଗା ୭୮୭୩, କୋଷାଗୁମୁଡ଼ା ୧୦,୧୨୨, ଡାବୁଗାଁ୭୯୬୮, ଉମରକୋଟ ୬୫୨୬, ଝରିଗାଁ ୧୧,୯୩୮, ଚନ୍ଦାହାଣ୍ଡି ୭୦୪୧ ଓ ରାଇଘର ୧୦,୦୮୬ ଏଭଳି ୯୯ହଜାର ୪୪୪ଜଣ ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ ମିଳିଛି। କେସିସିର ବିସ୍ତାର କରି ପଶୁପାଳନ ଏବଂ ମତ୍ସ୍ୟ ଚାଷକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। କେନ୍ଦ୍ରସରକାର କିଷାନ କ୍ରେଡିଟ କାର୍ଡ ଉପରେ ଆଦାୟ ହେଉଥିବା ସୁଧ ଉପରେ ରିହାତି ପ୍ରଦାନ କରୁଛନ୍ତି। ଚାଷୀ କିଷାନ କ୍ରେଡିଟ୍ କାର୍ଡ ପାଇଁ ଆବେଦନ କରିବା ପରେ ଏହି ବ୍ୟବସ୍ଥାରେ ଚାଷୀଙ୍କୁ ସବ୍‌ସିଡିରେ ସରକାର ଋଣ ପ୍ରଦାନ କରିଥାନ୍ତି। ତେବେ ତାହା କାର୍ଡ ପାଇବା ପରେ କାର୍ଯ୍ୟକାରୀ ହୋଇଥାଏ। ସାଧାରଣତଃ ସରକାର ସୁଧ ଉପରେ ୨% ପର୍ଯ୍ୟନ୍ତ ରିହାତି ପ୍ରଦାନ କରନ୍ତି। ଯେଉଁ ଚାଷୀମାନେ ଠିକ ସମୟରେ ଋଣ ପରିଶୋଧ କରନ୍ତି, ସେମାନଙ୍କୁ ସରକାର ଏହି ସୁଧ ଉପରେ ଅତିରିକ୍ତ ଆଉ ୧% ଏଭଳି ପ୍ରାୟ ୩% ରିହାତି ଦେଉଛନ୍ତି। ଏହିପରି ଭାବରେ ଆପଣଙ୍କୁ କିଷାନ କ୍ରେଡିଟ୍ କାର୍ଡରୁ ନିଆଯାଇଥିବା ଋଣ ଉପରେ ବାର୍ଷିକ କେବଳ ୪% ରୁ ୬% ସୁଧ ଦେବାକୁ ପଡ଼ିବ। କାର୍ଡ ବିତରଣର ବିଳମ୍ବ ଯୋଗୁଁ ଚାଷୀ ଏହାର ଲାଭ ଉଠାଇପାରିବେ ନାହିଁ। ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ଲ୍ୟାମ୍ପସଗୁଡିକ କିଭଳି ଶତ ପ୍ରତିଶତ ଚାଷୀଙ୍କୁ ଏହି କାର୍ଡ ବିତରଣ କରିବ। ସେ ଦିଗରେ ଯତ୍ନବାନ ହେବାକୁ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ସମବାୟ ବିଭାଗର ସହକାରୀ ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇ ପାରୁନି।

## ଶ୍ରମିକଙ୍କ ପ୍ରତି ହେଉଛି ଶୋଷଣ: ୬୬% ଠିକା ଶ୍ରମିକଙ୍କୁ ମିଳୁନି ସର୍ବନିମ୍ନ ମଜୁରୀ

ଭୁବନେଶ୍ୱର: ଶ୍ରମିକଙ୍କ ପ୍ରତି ହେଉଥିବା ଶୋଷଣକୁ ରୋକିବା ଲାଗି ସରକାର ସର୍ବନିମ୍ନ ମଜୁରି ବ୍ୟବସ୍ଥା ଲାଗୁ କରିଛନ୍ତି। ତଥାପି ସେମାନେ ସୁରକ୍ଷିତ ନୁହନ୍ତି। ନିଜ ଶ୍ରମର ଉଚିତ ମୂଲ୍ୟ ସେମାନଙ୍କୁ ମିଳୁନାହିଁ। ଛତିଶଗଡ଼, ଓଡ଼ିଶା ଓ ଝାଡ଼ଖଣ୍ଡର ସିଂହଭାଗ ଠିକା ଶ୍ରମିକ ଏଭଳି ଶୋଷଣର ଶିକାର ହେଉଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଗବେଷଣା ଶାଖା ତରଫରୁ ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ରିପୋର୍ଟ ଅନୁସାରେ, ଠିକା ଶ୍ରମିକମାନଙ୍କ ମଧ୍ୟରେ ସର୍ବନିମ୍ନ ମଜୁରି ଉଲ୍ଲଂଘନ ହାର ଛତିଶଗଡ଼ରେ ସର୍ବାଧିକ ୭୦.୩୮ ପ୍ରତିଶତ ରହିଛି। ଦ୍ୱିତୀୟ ସର୍ବାଧିକ ଉଲ୍ଲଂଘନ ହାର ଓଡ଼ିଶାରେ ୬୫.୯୩ ପ୍ରତିଶତ ରହିଛି। ଅର୍ଥାତ୍ ଓଡ଼ିଶାର ୬୬ ପ୍ରତିଶତ ଠିକା ଶ୍ରମିକଙ୍କୁ ସର୍ବନିମ୍ନ ମଜୁରିଠାରୁ କମ୍ ଦିଆଯାଉଛି। ଏହି ତାଲିକାରେ ତୃତୀୟ ସ୍ଥାନରେ ଥିବା ଝାଡ଼ଖଣ୍ଡ (୬୪.୭୧ ପ୍ରତିଶତ) ରହିଛି। ଅନ୍ୟ ସବୁ ରାଜ୍ୟରେ ଉଲ୍ଲଂଘନ ହାର ୪୦ ପ୍ରତିଶତରୁ କମ୍ ରହିଛି। ତେଲେଙ୍ଗାନାରେ ନାମକୁ ମାତ୍ର ୦.୩୬ ପ୍ରତିଶତ ଓ ଆନ୍ଧ୍ରପ୍ରଦେଶରେ ଶୂନ ରହିଛି। ଆନ୍ଧ୍ରରେ ଠିକା ଶ୍ରମିକଙ୍କୁ ଆଦୌ ଶୋଷଣର ଶିକାର ହେବାକୁ ପଡୁନାହିଁ। ସର୍ବଭାରତୀୟ ସ୍ତରରେ ହାରାହାରି ଭାବେ ୨୫ ପ୍ରତିଶତ ଠିକା ଶ୍ରମିକ ସର୍ବନିମ୍ନ ମଜୁରିଠାରୁ କମ୍ ପାଉଛନ୍ତି। ଠିକା ଶ୍ରମିକମାନଙ୍କ ମଧ୍ୟରେ ୭୫ ପ୍ରତିଶତ ପୁରୁଷ ଓ ୨୫ ପ୍ରତିଶତ ହେଉଛନ୍ତି ମହିଳା। ଉଚିତ ପ୍ରାପ୍ୟ ପାଉନଥିବା ଶ୍ରମିକମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ହେଉଛନ୍ତି ମହିଳା ଓ ୫୫ ପ୍ରତିଶତ ପୁରୁଷ। ଶ୍ରମିକମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ପ୍ରଦାନ ଲାଗି ରାଜ୍ୟସ୍ତରରେ ଶ୍ରମ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବାର ଆବଶ୍ୟକତା ଉପରେ ରିପୋର୍ଟରେ ଆଲୋକପାତ କରାଯାଇଛି। ରିପୋର୍ଟକୁ ଅଧିକ ଅନୁଶୀଳନ କରିବା ପରେ ଜଣାପଡ଼ିଛି ଯେ ଦେଶରେ ସିଂହଭାଗ ଶ୍ରମଶକ୍ତି ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ରାଜ୍ୟରେ ଏହି ହାର ଭିନ୍ନ ଭିନ୍ନ ଥିଲେ ମଧ୍ୟ ସବୁ ରାଜ୍ୟରେ ତାହା ୬୦ ପ୍ରତିଶତରୁ ଅଧିକ ରହିଛି। ପଞ୍ଜାବ, ଉତ୍ତରପ୍ରଦେଶ ଓ ବିହାରରେ ସେହି ହାର ୮୦ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଅଛି। ଓଡ଼ିଶାରେ ଅଣସଂଗଠିତ ଶ୍ରମିକଙ୍କ ହାର ୭୦ ପ୍ରତିଶତ ରହିଛି। ଯେଉଁ ସବୁ ରାଜ୍ୟ କିମ୍ବା ଅଞ୍ଚଳରେ ଚାଷ, ଠିକା ଭିତ୍ତିରେ ଶ୍ରମ ଓ କମ୍ ଉତ୍ପାଦକତା ବିଶିଷ୍ଟ କାମ ମିଳିଯାଉଛି, ସେଠାରେ ଅଣସଂଗଠିତ ଶ୍ରମିକ ସଂଖ୍ୟା ଅଧିକ ରହୁଛି।ଅଣସଂଗଠିତର ଅର୍ଥ ହେଉଛି ଏହି ସବୁ ଶ୍ରମିକଙ୍କ ଲାଗି ବିଶେଷ ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ। କେବଳ କାମ ବଦଳରେ ସେମାନଙ୍କୁ ପାଉଣା ମିଳୁଛି। ଦେଶର ୫୯ ପ୍ରତିଶତ ଅଣସଂଗଠିତ ଶ୍ରମିକ ଗ୍ରାମାଞ୍ଚଳରେ ଓ ୪୧ ପ୍ରତିଶତ ସହରାଞ୍ଚଳରେ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୪୨ ପ୍ରତିଶତ ଚାଷ କାମ କରୁଥିବା ବେଳେ ବାଣିଜ୍ୟ ଓ ହୋଟେଲ୍‌ରେ ୧୭ ପ୍ରତିଶତ ଓ ଅନ୍ୟାନ୍ୟ କାର୍ଯ୍ୟରେ ୧୪ ପ୍ରତିଶତ ଶ୍ରମିକ ନିୟୋଜିତ ହୋଇଛନ୍ତି।


## UTKAL GOURAV MADHUSUDAN CENTRE FOR CO-OPERATIVE MANAGEMENT

**SAMABAYA BHAWAN, UNIT-9, JANAPATH, BHUBANESWAR-22**

**[ A unit of Odisha State Co-operative Union working under Co-operation Department, Govt. of Odisha. ]**

### ADMISSION

- **DIPLOMA IN CO-OPERATIVE MANAGEMENT AND ADMINISTRATION (D.C.M.A), [BOTH OFFLINE/ONLINE MODE]**

  **[ This Certificate is Essential for Recruitment of Different Posts in Co-operative Organizationsand Government Sector ]**

- **ELIGIBILITY:-** Graduation in any Discipline OR Co-operative Institutional Staff having Graduation Qualification are also eligible for admission in DCMA Training Course.
- **INTAKE CAPACITY:-** 30 and above in each Offline/Online.
- **MEDIUM OF TEACHING:-** English and Odia.
- **HOSTEL ACCOMMODATION:-** Provide Hostel facilities to Girls/ ladies candidates on as usual fees.
- **INSTRUCTIONS TO THE CANDIDATES:-**Applicants must purchase the prescribed Application Form on payment of Rupees 500/- (Five hundred) only in every working days from 10:30AM to 5:30PM from the office of the UTKAL GOURAV MADHUSUDAN CENTRE FOR CO-OPERATIVE MANAGEMENT C/o- Odisha State Cooperative Union, Samabaya Bhawan, Unit-9, Janpath, BBSR-22. For detail information please visit our **website: www.oscunion.com**. The Application from must be duly filed and sent it by Speed post/Registered Post / by hand to the Director, UTKAL GOURAV MADHUSUDAN CENTRE FOR CO-OPERATIVE MANAGEMENT C/o- Odisha State Cooperative Union, Samabaya Bhawan, Unit-9, Janpath, BBSR-22.
- **LAST DATE:-** 30th May, 2026.

**Sd/-Secretary**



# ରାଜ୍ୟ ଖବର



### ଢେଙ୍କିକୋଟ ଚଇଉଝ ରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଶୁଭାରମ୍ଭ

## ଦୁଗ୍ଧ ଚାଷୀଙ୍କୁ ମିଳିବ ଉଚିତ୍ ମୂଲ୍ୟ, ସମବାୟ ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିକୁ ମିଳିବ ନୂଆ ଦିଗ

କେନ୍ଦୁଝର : କେନ୍ଦୁଝର ଜିଲ୍ଲାର ଢେଙ୍କିକୋଟ ପ୍ରାଥମିକ କୃଷି ସମବାୟ ସମିତି (**PACS**) ଠାରେ ଏକ ନୂତନ "ଦୁଗ୍ଧ ସଂଗ୍ରହ କେନ୍ଦ୍ର"ର ଶୁଭାରମ୍ଭ କରାଯାଇଛି। ଏହି କେନ୍ଦ୍ରର ଲୋକାର୍ପଣ ଉପନିବନ୍ଧକ, ସମବାୟ ସମିତି ସମୂହ (**DRCS**)ଙ୍କ ଦ୍ୱାରା ଅନ୍ୟାନ୍ୟ ସମବାୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ବହୁ ସଂଖ୍ୟକ ଦୁଗ୍ଧ ଚାଷୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି ପଦକ୍ଷେପକୁ ଅଞ୍ଚଳର ଦୁଗ୍ଧ ଚାଷୀଙ୍କ ପାଇଁ ଏକ ନୂତନ ଆଶା ଓ ଆର୍ଥିକ ସଶକ୍ତିକରଣର ମାଇଲସ୍ଟୋନ୍ ବୋଲି ମନାଯାଉଛି। ଏହି ଦୁଗ୍ଧ ସଂଗ୍ରହ କେନ୍ଦ୍ର ଆରମ୍ଭ ହେବା ଫଳରେ ସ୍ଥାନୀୟ ଦୁଗ୍ଧ ଚାଷୀମାନେ ଏବେ ସେମାନଙ୍କ ଉତ୍ପାଦିତ ଦୁଗ୍ଧକୁ ସହଜ ଏବଂ ସୁବ୍ୟବସ୍ଥିତ ଭାବେ ବିକ୍ରୟ କରିପାରିବେ। ଏଥିପାଇଁ ଆଉ ମଧ୍ୟସ୍ଥଙ୍କ ଉପରେ ନିର୍ଭର କରିବାକୁ ପଡିବ ନାହିଁ ଏବଂ ଚାଷୀମାନେ ସିଧାସଳଖ ଭାବେ ସେମାନଙ୍କ ଦୁଗ୍ଧର ଉଚିତ୍ ଓ ନ୍ୟାୟସଙ୍ଗତ ମୂଲ୍ୟ ପାଇପାରିବେ। ଏହା ଦୁଗ୍ଧ ଉତ୍ପାଦନକୁ ଅଧିକ ପ୍ରୋତ୍ସାହନ ଦେବା ସହିତ ଗ୍ରାମାଞ୍ଚଳରେ ସ୍ୱୟଂରୋଜଗାର ଓ ଆର୍ଥିକ ସ୍ଥିରତାକୁ ମଧ୍ୟ ବଳ ଦେବ। ଲୋକାର୍ପଣ ଅବସରରେ **DRCS** ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସମବାୟ ବ୍ୟବସ୍ଥା ମାଧ୍ୟମରେ ଗ୍ରାମୀଣ ଚାଷୀ ଏବଂ ଦୁଗ୍ଧ ଉତ୍ପାଦକମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସରକାରଙ୍କ ପ୍ରାଥମିକତା। **PACS** ମାନଙ୍କୁ କେବଳ ଋଣ ପ୍ରଦାନ ସୀମାରେ ନ ରଖି ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପ ସହ ଯୋଡ଼ାଯାଉଛି। ଦୁଗ୍ଧ ସଂଗ୍ରହ କେନ୍ଦ୍ର ସେହି ପ୍ରୟାସର ଏକ ଅଂଶ ଓ ଏହା ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେବ। ସ୍ଥାନୀୟ ଦୁଗ୍ଧ ଚାଷୀମାନେ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ସେମାନଙ୍କ କହିବା ଅନୁସାରେ, ପୂର୍ବରୁ ଦୁଗ୍ଧ ବିକ୍ରୟ ପାଇଁ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଥିଲା ଏବଂ ଅନେକ ସମୟରେ ନ୍ୟାୟସଙ୍ଗତ ଦର ମିଳୁନଥିଲା। ବର୍ତ୍ତମାନ **PACS** ମାଧ୍ୟମରେ ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହେବା ପରେ ସେମାନଙ୍କ ପାଇଁ ବଜାର ସୁବିଧା ଅଧିକ ସହଜ ହେବା ସହ ଆୟ ବୃଦ୍ଧିର ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ସମବାୟ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଅଧିକ ସଂଖ୍ୟକ ଜୀବିକାମୂଳକ କାର୍ଯ୍ୟକ୍ରମ ସହ ଯୋଡ଼ିବାକୁ ଆହ୍ୱାନ ଜଣାଇଥିଲେ। ଢେଙ୍କିକୋଟ **PACS** ର ଏହି ନୂତନ ପଦକ୍ଷେପ ଆଗାମୀ ଦିନରେ ଅନ୍ୟ ସମବାୟ ସମିତି ପାଇଁ ଏକ ଆଦର୍ଶ ହେବ ବୋଲି ଆଶା ପ୍ରକାଶ ପାଇଛି।



## ସରକାରୀ ବିହନକୁ ମୁହଁ ମୋଡୁଛନ୍ତି ଚାଷୀ, ବୋହି ନେଉଛନ୍ତି ସାର

ନବରଙ୍ଗପୁର: ପ୍ରମାଣୀକୃତ ଧାନ ବିହନରେ ଚାଷ କରିବା ବଦଳରେ ହାଇବ୍ରିଡ୍ ବିହନ ଧାନ ଉପରେ ବେଶି ଭରସା କରୁଛନ୍ତି ଚାଷୀ। ତେବେ ସାର ବୋହି ନେଇଥିବା ସୂଚନା ମିଳିଛି। ନବରଂଗପୁର ଜିଲ୍ଲାରେ ରବିରେ ଧାନ, ମକା ସହ ଅନ୍ୟାନ୍ୟ ୭୩ହଜାର ହେକ୍ଟର ଚାଷ ହୋଇଥିବା କହିଛନ୍ତି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧିରଂଜନ ବେହେରା। ଏଥିରୁ କୃଷି କର୍ମଚାରୀ ମାନେ ୧୨ଶହ ହେକ୍ଟର ଓ ସାଟେଲାଇଟ୍ ଡିଜିଟାଲସର୍ଭେରେ ୩ହଜାର ହେକ୍ଟର ବୋଲି ରିପୋର୍ଟ ଦେଇଛନ୍ତି। ୨୨୨୧ଜଣ ଚାଷୀ ରବି ମଣ୍ଡିରେ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି। ଚାଷୀମାନେ ହାଇବ୍ରିଡ୍ ବିହନ ନେଇ ସାର ୧୦ଟି ବ୍ଲକରେ ୨୨ହଜାର ୭୭୮.୩୨କ୍ୱିଣ୍ଟାଲ କିଣି ନେଇଛନ୍ତି।ନବରଂଗପୁର ଲ୍ୟାମ୍ପସରେ ନନ୍ଦାହାଣ୍ଡି ୨୮୯୭, ତେନ୍ତୁଳିଖୁଣ୍ଟି ୪୫୦, ଅଂଚଳଗୁମ୍ମା ୧୦୦୫, ପାପାଡାହାଣ୍ଡି ୧୨୦୧, ମଇଦଲପୁର ୨୨୫୦, କୋଡିଙ୍ଗା୯୧୬, କୋଷାଗୁମୁଡା ୩୦୩୧, ଡାବୁଗାଁ ୫୪୦, ଉରମକୋଟ ୪୪୦୫, ଝରିଗାଁ ୧୮୯୨, ଚନ୍ଦାହାଣ୍ଡି ୧୧୮୦ଓ ରାଇଘର ୧୭୧୩କ୍ୱିଣ୍ଟାଲ କିଣି ନେଇଛନ୍ତି। ତେବେ ଗତ ମାର୍ଚ୍ଚ ମାସରୁ ସାର ବିକ୍ରୀ ବନ୍ଦ ରହିଛି ବୋଲି କହିଛନ୍ତି ଜିଲ୍ଲାମୁଖ୍ୟ କୃଷି ଅଧିକାରୀ। ଶହେ ୨୦ରୁ ଦେଢ଼ ଶହ ଦିନରେ ଏକର ପିଛା ୨୦ କୁଇଣ୍ଟାଲ ଧାନ ସରକାରୀ ବିହନରେ ଉତ୍ପାଦିତ ହେଉଛି। ଅପରପକ୍ଷରେ ହାଇବ୍ରୀଡ ଧାନ ବିହନରେ ୯୦ରୁ ୧୨୦ ଦିନ ମଧ୍ୟରେ ଏକର ପିଛା ୩୫କୁଇଣ୍ଟାଲ ଉତ୍ପାଦିତ ହେଉଛି। ହାଇବ୍ରୀଡ୍ ବିହନ ନେଲେ ଡିଲର ବି ସହଯୋଗ କରିବା ସହ ବିହନ, ସାର,କୀଟନାଶକ ଔଷଧ ଆଦି ଧାରରେ ଦେଉଛନ୍ତି। ଚାଷୀ ଧାନ ବିହନ କିଣିବା ପରେ ସଂପୁର୍ଣ୍ଣ ଟଙ୍କା ଦେଇ ନେବାକୁ କହୁଛନ୍ତି ଡିଲର । ସବସିଡି ପାଇବା ପାଇଁ ହେଲେ ପୂର୍ବରୁ ସ୍ମାର୍ଟ ଫୋନ ନେଇ ଚାଷୀଙ୍କୁ ଡିଲର/ପ୍ୟାକ୍ସ/ ଏସଏଚ ଜି ଗ୍ରୃପ ନିକଟରେ ପଂଜୀକରଣ କରିବାକୁ ପଡ଼ିବ। ଏଥି ପାଇଁ ରହିଥିବା ଓଟିପି ଓ ଅନଲାଇନ୍ ପ୍ରକ୍ରିୟା ସଠିକ ଭାବେ ହେଲେ ଯାଇ ଏହି ସବସିଡି ମିଳିବ। ସରକାରୀ ବିହନ ଓ ସାର ପାଇଁ ଲମ୍ବା ଲାଇନ୍ ଏବଂ ବହୁ ସମୟରେ ମିଳୁ ନଥିବାରୁ ଏହାକୁ ଅପେକ୍ଷା ନ କରି ଚାଷୀ ମାନେ ହାଇବ୍ରୀଡ଼ ଧାନ ବିହନ ମୁହାଁ ହୋଇଛନ୍ତି। ପ୍ରଚଳିତ ଓଟିପି, ଏବଂ ପଂଜୀକରଣ ବ୍ୟବସ୍ଥାର ଗୋଲକଧନ୍ଦାରେ ପଡ଼ିବାକୁ ଚାହୁଁ ନାହାନ୍ତି ଚାଷୀ। ଏହି କ୍ରମରେ ରବି ଋତୁରେ ଜଣେ ବି ଚାଷୀ ସରକାରୀ ବିହନ କିଣି ନାହାନ୍ତି। ଏହା ବଦଳରେ ହାଇବ୍ରୀଡ ଧାନ କିଣିଛନ୍ତି।

### PACS/LAMPCS ମାଧ୍ୟମରେ ଚାଷୀଙ୍କୁ ବୀମା ଓ ଉନ୍ନତ କୃଷି ସେବା:

## ରାଜ୍ୟ ସମବାୟ ବିଭାଗର ନୂତନ ରୋଡମ୍ୟାପ

ଭୁବନେଶ୍ୱର: ରାଜ୍ୟର ଚାଷୀମାନଙ୍କୁ ସମବାୟ ସମିତି (**PACS/LAMPCS**) ମାଧ୍ୟମରେ ବିଭିନ୍ନ ପ୍ରକାର ବୀମା ସୁବିଧା ଯୋଗାଇଦେବା ସହ ଉନ୍ନତମାନର କୃଷି ଔଷଧ, କୀଟନାଶକ ଓ ଅନ୍ୟାନ୍ୟ କୃଷି ଉପକରଣର ସହଜ ଉପଲବ୍ଧତା ନିଶ୍ଚିତ କରିବାକୁ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଏକ ସମଗ୍ର ରଣନୀତି ପ୍ରସ୍ତୁତ କରାଯାଉଛି। ଏହି ଉଦ୍ଦେଶ୍ୟରେ କମିଶନର ତଥା ଶାସନ ସଚିବ ଶ୍ରୀ ଜବହରଶ୍ୱଷ ଚକ୍ସବଭଷବଲବକ୍ସ ଚବଗ୍ସସକ୍ଷଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ **Registrar of Cooperative Societies Odisha**ଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ **IFFCO-Tokio General Insuranc**ର ଏବଂ **IFFCO-MC Crop Science**ର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବୈଠକରେ ସମବାୟ ସମିତିମାନଙ୍କୁ କିପରି ଅଧିକ ସକ୍ରିୟ,




ଆତ୍ମନିର୍ଭର ଓ ଚାଷୀମୁଖୀ କରାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଫସଲ ବୀମା, ଜୀବନ ବୀମା, ଦୁର୍ଘଟଣା ବୀମା ଓ କୃଷି ସମ୍ବନ୍ଧୀୟ ବିଭିନ୍ନ ସୁରକ୍ଷା ଯୋଜନାକୁ **PACS/LAMPCS** ସ୍ତରରେ ସହଜ ଭାବେ ଚାଷୀମାନଙ୍କ ପାଖକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ନକଲି ଓ ନିମ୍ନମାନର କୃଷି ଔଷଧ ଓ କୀଟନାଶକ ଉପରେ ନିୟନ୍ତ୍ରଣ ଆଣି ଚାଷୀମାନଙ୍କୁ ଗୁଣବତ୍ତାସମ୍ପନ୍ନ ଉତ୍ପାଦ ସଠିକ ଦରରେ ଯୋଗାଇବାକୁ ମଧ୍ୟ ଆଲୋଚନା କରାଯାଇଥିଲା। ସମବାୟ ସମିତିମାନଙ୍କୁ କୃଷି ସେବାର ଏକ ବିଶ୍ୱସନୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ଲକ୍ଷ୍ୟ ନେଇ ବିଭାଗ କାର୍ଯ୍ୟ କରୁଛି। ବୈଠକରେ ସମବାୟ ସମିତିଗୁଡ଼ିକର ବ୍ୟବସାୟିକ ବିବିଧକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କେବଳ ଋଣ ପ୍ରଦାନରେ ସୀମିତ ନ ରହି ସମିତିମାନେ କୃଷି ବୀମା, କୃଷି ଉପକରଣ ବିକ୍ରୟ, ପରାମର୍ଶ ସେବା ଓ ଅନ୍ୟାନ୍ୟ କୃଷି ସମ୍ବନ୍ଧୀୟ ସେବା ପ୍ରଦାନ କରିବା ଦିଗରେ ଆଗେଇବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହା ଦ୍ୱାରା ସମବାୟ ସମିତିମାନଙ୍କ ଆର୍ଥିକ ସ୍ଥିତି ମଜବୁତ ହେବା ସହ ଚାଷୀମାନେ ମଧ୍ୟ ଏକେ ସ୍ଥାନରେ ସମସ୍ତ ପ୍ରକାର ସେବା ପାଇପାରିବେ।

"ସମବାୟ ମଧ୍ୟରେ ସହଭାଗିତା" ନୀତିକୁ ଆଧାର କରି ଗ୍ରହଣ କରାଯାଉଥିବା ଏହି ପଦକ୍ଷେପ ଆଗାମୀ ଦିନରେ **PACS/LAMPCS** ଗୁଡ଼ିକୁ ଚାଷୀମାନଙ୍କ ପାଇଁ ଏକ ସଂପୂର୍ଣ୍ଣ "ୱାନ ଷ୍ଟେପ୍ ସେଣ୍ଟର" ଭାବେ ପରିଣତ କରିବ ବୋଲି ଆଶା ପ୍ରକାଶ ପାଇଛି। ରାଜ୍ୟର କୃଷି ଓ ସମବାୟ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟି ପଦକ୍ଷେପ ଭାବେ ସାବ୍ୟସ୍ତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଉତ୍କଳିକାର ୬୮ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର: ସ୍ଥାନୀୟ ଉତ୍କଳିକାର ମୁଖ୍ୟ କାର୍ଯ୍ୟାଳୟଠାରେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ର ୬୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି, ହସ୍ତଶିଳ୍ପ ଓ ହସ୍ତତନ୍ତ ଆମ ଉତ୍କର୍ଷ କଳାର ଉଜ୍ଜ୍ୱଳ ସ୍ୱାକ୍ଷର । ଏହି ପାରମ୍ପରିକ କଳାର ସରଂକ୍ଷଣ ସହ ହଜାର ହଜାର କାରିଗରଙ୍କୁ ଜୀବିକା ଯୋଗାଇବାରେ ଉତ୍କଳିକା ପ୍ରମୁଖ ଭୂମିକା ଗ୍ରହଣ କରିଛି। ମହିଳା ସଶକ୍ତୀକରଣ ଓ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାରେ ଏହି କ୍ଷେତ୍ର ଗୁରୁ ଦାୟିତ୍ୱ ବହନ କରିଛି ।

ଉତ୍କଳିକାର ଆଧୁନିକ ବ୍ୟବସାୟିକ କାର୍ଯ୍ୟପଦ୍ଧତିକୁ ଅଧିକ ସୁଦୃଢ ଓ କାର୍ଯ୍ୟକ୍ଷମ କରିବା ନିମନ୍ତେ ଇଆରପି (ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଙ୍ଗ) ବ୍ୟବସ୍ଥାର ଆରମ୍ଭ ଏବଂ ଏହାର ସୂଚନା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ବ୍ୟବସ୍ଥା ମାଧ୍ୟମରେ ଉତ୍କଳିକାର କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା, କାର୍ଯ୍ୟଦକ୍ଷତା ଓ ଡିଜିଟାଲ ସୁବିଧାର ବୃଦ୍ଧି ସହିତ ସେବା ପ୍ରଦାନ ପ୍ରକ୍ରିୟା ଅଧିକ ସଂଗଠିତ ହେବ ବୋଲି



ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଛନ୍ତି ଓ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର-ତଥା-ଶାସନ ସଚିବ ଗୁହା ପୁନମ ତାପସ କହିଥିଲେ, ୬୮ ବର୍ଷର ଯାତ୍ରାରେ ଉତ୍କଳିକା ବିଶ୍ୱାସଯୋଗ୍ୟ ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇପାରିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଉତ୍କଳିକା ୫୧.୫୩ କୋଟିର ବ୍ୟବସାୟ କରିଥିବାବେଳେ ୨୦୨୬-୨୭ ପାଇଁ ୭୫ କୋଟିର ଲକ୍ଷ୍ୟ ରଖିଛି । ଏହି ଲକ୍ଷ୍ୟ ପୂରଣ ପାଇଁ ନୂତନ ବିପଣନ କେନ୍ଦ୍ର ଖୋଲିବା, ଅନଲାଇନ ବିକ୍ରୟ ବ୍ୟବସ୍ଥାର ସୁଦୃଢୀକରଣ, ନୂଆ ଡିଜାଇନ୍‌କୁ ଗୁରୁତ୍ୱ ଉପରେ ପ୍ରଦାନ କରାଯାଉଛି । ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ବ୍ୟବସାୟ କରିଥିବା ବର୍ଗରେ କେନ୍ଦୁଝର ଉତ୍କଳିକା ପ୍ରଥମ ପୁରସ୍କାର ଜିତିଥିବା ବେଳେ କଳାଭୂମି ଦ୍ୱିତୀୟ ଏବଂ ପୁରୀ-ଉତ୍କଳିକା ତୃତୀୟ ପୁରସ୍କାର ବିଜୟୀ ହୋଇଛନ୍ତି । ଉତ୍କଳିକା ଶାଖା ପରିଚାଳକ ଦିବାକର ସେଠୀ, ଶାରଳା ପଟ୍ଟନାୟକ ଏବଂ ମଧୁସୂଦନ ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଗ୍ରହଣ କରିଥିଲେ । ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉତ୍କଳିକାର ସଭାପତି ଦେବସ୍ମିତା ସାହୁ, ଉପ-ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ହୋତା, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ସାଧାରଣ ପରିଚାଳିକା ମମତା ନାୟକ, ଉତ୍କଳିକାର ଅଧିକାରୀବୃନ୍ଦ, ବିଭିନ୍ନ ସମବାୟ ସମିତିର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ ୧୯୫୯ ମସିହାରେ ଉତ୍କଳିକା ପ୍ରତିଷ୍ଠା ହୋଇଥିଲା । ବର୍ତ୍ତମାନ ଉତ୍କଳିକାରେ ୧୧୬ଟି ପ୍ରାଥମିକ ହସ୍ତଶିଳ୍ପ ସମବାୟ ସମିତି ସଦସ୍ୟ ଭାବେ ପଞ୍ଜିକୃତ ହୋଇଛନ୍ତି । ରାଜ୍ୟ ଭିତରେ ଉତ୍କଳିକାର ୧୨ଟି ଶାଖା ଏବଂ ରାଜ୍ୟ ବାହାରେ ୬ଟି ଶାଖା ସହିତ ସର୍ବମୋଟ ୧୮ଟି ଶାଖା ମାଧ୍ୟମରେ ଏହା କାର୍ଯ୍ୟ କରୁଛି ।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy** **Editor - Monalisa Das**

ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ ସମ୍ପାଦିକା: ମୋନାଲିସା ଦାସ